POSTAL REGISTRATION NO.- PURI/45/2025-27
RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା
SHREE SHRIKSHETRA SOOCHANA



Visit our website: sssoochanaenewspaper.in
/shreeshrikshetrasoochana /ssoochana +91 94370 58632

VOLL : 5 ❖ ପଞ୍ଚମ ବର୍ଷ | ISSUE : IV ❖ ଚତୁର୍ଥ ସଂଖ୍ୟା | APRIL : 2026 ❖ ଅପ୍ରେଲ ୨୦୨୬ | PURI ❖ ପୁରୀ | PAGE : 8 ❖ ପୃଷ୍ଠା : ୮ | RS.10 ❖ ମୂଲ୍ୟ:ଟ୧୦.୦୦

## ସଂପାଦକୀୟ

### "ଏକତାର ନୂଆ ସୂର୍ଯ୍ୟୋଦୟ: ଅଙ୍ଗ, ବଙ୍ଗ, କଳିଙ୍ଗ ମିଶନ୍ ସଫଳ"



**ପୂର୍ବ ଭାରତର ଐତିହ୍ୟ, ସଂସ୍କୃତି ଓ ସମୃଦ୍ଧିର ନବଜାଗରଣର ଏକ ଐତିହାସିକ ଅଭିଯାନ**

ଭାରତର ଇତିହାସ କେବଳ ରାଜବଂଶ, ଯୁଦ୍ଧ ଓ ସାମ୍ରାଜ୍ୟର କାହାଣୀ ନୁହେଁ; ଏହା ସଂସ୍କୃତି, ସଭ୍ୟତା, ଆଧ୍ୟାତ୍ମିକତା ଓ ସାମୂହିକ ଚେତନାର ଏକ ଅବିରାମ ପ୍ରବାହ। ସେହି ପ୍ରବାହରେ "ଅଙ୍ଗ, ବଙ୍ଗ, କଳିଙ୍ଗ" ନାମଗୁଡ଼ିକ ଏକ ବିଶେଷ ଗୌରବର ସ୍ଥାନ ଅଧିକାର କରିଛି। ଏହି ତିନି ଐତିହାସିକ ଅଞ୍ଚଳ ପ୍ରାଚୀନ ଭାରତର ସମୃଦ୍ଧ ସାଂସ୍କୃତିକ ଚେତନା, ସମୁଦ୍ର ବାଣିଜ୍ୟ, କୃଷି ସମୃଦ୍ଧି, ଜ୍ଞାନ ପରମ୍ପରା ଓ ମାନବୀୟ ଏକତାର ଜୀବନ୍ତ ପ୍ରତୀକ। ଆଜି "ଅଙ୍ଗ, ବଙ୍ଗ, କଳିଙ୍ଗ" ମିଶନ୍‌ର ସଫଳତା ସମଗ୍ର ପୂର୍ବ ଭାରତକୁ ଏକ ନୂତନ ଆତ୍ମବିଶ୍ୱାସ ଓ ନବଜାଗରଣର ପଥରେ ଆଗେଇ ନେଇଛି।

"ଏକତାର ନୂଆ ସୂର୍ଯ୍ୟୋଦୟ" ବୋଲି ଏହି ମିଶନ୍‌କୁ ଅଭିହିତ କରାଯାଇଥିବାର କାରଣ ହେଉଛି— ଏହା କେବଳ ଏକ ସାଂସ୍କୃତିକ କିମ୍ବା ପ୍ରଶାସନିକ ପରିକଳ୍ପନା ନୁହେଁ; ଏହା ହେଉଛି ଇତିହାସକୁ ଆଧାର କରି ଭବିଷ୍ୟତ୍ ଗଢ଼ିବାର ଏକ ସାମୂହିକ ପ୍ରୟାସ। ଦୀର୍ଘଦିନ ଧରି ଭାଷା, ରାଜନୀତି, ଅଞ୍ଚଳୀୟତା ଓ ସାମାଜିକ ଭିନ୍ନତା ଯେଉଁ ଦୂରତା ସୃଷ୍ଟି କରିଥିଲା, ଏହି ମିଶନ୍ ସେହି ଦୂରତାକୁ ହ୍ରାସ କରିଛି। ଏହା ଦେଖାଇଛି ଯେ, ଭାରତର ମୂଳ ଶକ୍ତି ହେଉଛି ତାହାର ସାଂସ୍କୃତିକ ଏକତା ଓ ବିବିଧତାର ସମନ୍ୱୟ।

ପ୍ରାଚୀନ ଇତିହାସକୁ ଦୃଷ୍ଟିପାତ କଲେ ଦେଖାଯାଏ ଯେ, ଅଙ୍ଗ ଅଞ୍ଚଳ ଜ୍ଞାନ ଓ ବାଣିଜ୍ୟରେ ପ୍ରସିଦ୍ଧ ଥିଲା। ବଙ୍ଗ ସାହିତ୍ୟ, ସଙ୍ଗୀତ ଓ ସାମାଜିକ ଚେତନାର କେନ୍ଦ୍ରଭୂମି ଥିଲା। କଳିଙ୍ଗ ସମୁଦ୍ର ବାଣିଜ୍ୟ, ସାହସିକ ଯାତ୍ରା ଓ ସଂସ୍କୃତିର ବିଶ୍ୱ ପ୍ରସାରରେ ଅଦ୍ୱିତୀୟ ଅବଦାନ ରଖିଥିଲା। ସାଧବପୁଅଙ୍କର ନୌବାଣିଜ୍ୟ ଦକ୍ଷିଣ-ପୂର୍ବ ଏସିଆରେ ଭାରତୀୟ ସଂସ୍କୃତିର ଦୂତ ହୋଇଥିଲା। ବଙ୍ଗର ନବଜାଗରଣ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ନୂଆ ଚେତନା ଦେଇଥିଲା। ଅଙ୍ଗ ଅଞ୍ଚଳର ପ୍ରାଚୀନ ଶିକ୍ଷା ପରମ୍ପରା ମଗଧ ସଭ୍ୟତାକୁ ଶକ୍ତିଶାଳୀ କରିଥିଲା। ଏହି ସମସ୍ତ ଐତିହାସିକ ଗୌରବକୁ ପୁନଃ ଏକ ସୂତ୍ରରେ ବାନ୍ଧିବାରେ ଏହି ମିଶନ୍ ସଫଳ ହୋଇଛି।

ଏହି ମିଶନ୍‌ର ସର୍ବପ୍ରଥମ ଲକ୍ଷ୍ୟ ହେଉଛି ସାଂସ୍କୃତିକ ପୁନର୍ଜାଗରଣ। ଆଜିର ଗ୍ଲୋବାଲାଇଜେସନ୍‌ର ଯୁଗରେ ଲୋକସଂସ୍କୃତି ଓ ପାରମ୍ପରିକ ଐତିହ୍ୟ ଧୀରେଧୀରେ ହାରାଇଯାଉଥିବା ବେଳେ "ଅଙ୍ଗ, ବଙ୍ଗ, କଳିଙ୍ଗ" ମିଶନ୍ ଏକ ନୂତନ ସାଂସ୍କୃତିକ ଆନ୍ଦୋଳନର ଆରମ୍ଭ କରିଛି। ଲୋକନୃତ୍ୟ, ଲୋକସଙ୍ଗୀତ, ହସ୍ତଶିଳ୍ପ, ପାରମ୍ପରିକ ପର୍ବପର୍ବାଣୀ ଓ ଆଦିବାସୀ ସଂସ୍କୃତିକୁ ପୁନଃ ଜୀବନ୍ତ କରାଯାଉଛି। ଏହା ଏକ ସକାରାତ୍ମକ ପରିବର୍ତ୍ତନ।

ପୂର୍ବ ଭାରତର ଅନେକ ଆଦିବାସୀ ଓ ଲୋକକଳା ଆଜି ବିଲୁପ୍ତିର ସୀମାରେ ପହଞ୍ଚିଥିଲା। ଏହି ମିଶନ୍ ସେମାନଙ୍କୁ ନୂତନ ପରିଚୟ ଦେଇଛି। ଯୁବପିଢ଼ୀ ଏବେ ନିଜର ପାରମ୍ପରିକ ସଂସ୍କୃତିକୁ ଗର୍ବର ସହିତ ଗ୍ରହଣ କରୁଛନ୍ତି। ଏହା କେବଳ ସଂସ୍କୃତିର ସୁରକ୍ଷା ନୁହେଁ; ଏହା ଏକ ଆତ୍ମପରିଚୟର ପୁନର୍ଜାଗରଣ।

ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଏହି ମିଶନ୍ ଅପୂର୍ବ ସଫଳତା ଆଣିଛି। ଜଗନ୍ନାଥ ଧାମ ପୁରୀ, କୋଣାର୍କ, ଚିଲିକା, ଶାନ୍ତିନିକେତନ, ସୁନ୍ଦରବନ, ବୋଧଗୟା, ନାଳନ୍ଦା, ରାଜଗୀର ଓ ଗଙ୍ଗା ତଟବର୍ତ୍ତୀ ଐତିହାସିକ କ୍ଷେତ୍ରଗୁଡ଼ିକୁ ଏକ ସଂଯୁକ୍ତ ପର୍ଯ୍ୟଟନ ସର୍କିଟ୍‌ରେ ଯୋଡ଼ାଯାଇଛି। ଏହା ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ଶକ୍ତିଶାଳୀ କରିଛି।

ଏହି ମିଶନ୍‌ର ଆଉ ଏକ ମହତ୍ୱପୂର୍ଣ୍ଣ ପକ୍ଷ ହେଉଛି ଆର୍ଥିକ ସମନ୍ୱୟ। ଅଙ୍ଗର କୃଷି, ବଙ୍ଗର ମାଛ ଓ ବନ୍ଦର ଅର୍ଥନୀତି, କଳିଙ୍ଗର ଖଣିଜ ଓ ସମୁଦ୍ର ବାଣିଜ୍ୟ— ଏହି ସମସ୍ତ କ୍ଷେତ୍ରକୁ ଏକ ସଂଯୁକ୍ତ ଆର୍ଥିକ ମଡେଲ୍‌ରେ ଆଣିବାର ଚେଷ୍ଟା କରାଯାଇଛି। ଏହା ଗ୍ରାମୀଣ ଅର୍ଥନୀତିକୁ ମଜବୁତ କରିବା ସହ ନୂତନ ଶିଳ୍ପ ଓ ରୋଜଗାର ସୃଷ୍ଟିର ପଥ ଖୋଲିଦେଇଛି।

ଆଜି ପୂର୍ବ ଭାରତ ଦେଶର ଅର୍ଥନୀତିରେ ଏକ ଶକ୍ତିଶାଳୀ କେନ୍ଦ୍ରରୂପେ ଉଦୟ ହେଉଛି। ବନ୍ଦର, ରେଳ, ଜଳପଥ, ଶିଳ୍ପ କରିଡୋର ଓ କୃଷି ଭିତ୍ତିକ ଉଦ୍ୟୋଗର ବିକାଶ ଏହି ଅଞ୍ଚଳକୁ ନୂତନ ଗତି ଦେଇଛି। ଯଦି ଏହି ଉନ୍ନତି ଧାରା ଜାରି ରହେ, ତେବେ ପୂର୍ବ ଭାରତ ଆଗାମୀ ଦିନରେ ଦେଶର ଅର୍ଥନୈତିକ ମେରୁଦଣ୍ଡ ହୋଇଉଠିବାର ସମ୍ଭାବନା ରହିଛି।

ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ମଧ୍ୟ ଏହି ମିଶନ୍ ନୂଆ ଦିଗ ଦେଖାଇଛି। ପୂର୍ବ ଭାରତର ଇତିହାସ, ସମୁଦ୍ର ବାଣିଜ୍ୟ, ଆଦିବାସୀ ଜ୍ଞାନ ପରମ୍ପରା, ଲୋକସଂସ୍କୃତି ଓ ପ୍ରାଚୀନ ପୃଷ୍ଠା→୭

ରାଜେଶ କୁମାର ମହାନ୍ତି

## ଜାତୀୟ ରାଜନୀତିରେ ନୂଆ ଅଧ୍ୟାୟ

# ମମତାଙ୍କ ୧୫ ବର୍ଷ ଶାସନର ଅନ୍ତ

ନୂଆଦିଲ୍ଲୀ: ପଶ୍ଚିମବଙ୍ଗ, ତାମିଲନାଡୁ ସମେତ ୪ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ପୁଡୁଚେରୀର ବିଧାନସଭା ନିର୍ବାଚନ ଫଳାଫଳ ଆଜି ଭାରତୀୟ ରାଜନୈତିକ ଦୃଶ୍ୟପଟରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ପଶ୍ଚିମବଙ୍ଗରେ ବିଜେପି ଏକ ଐତିହାସିକ ସଫଳତା ହାସଲ କରି ତୃଣମୂଳ କଂଗ୍ରେସର ୧୫



ବର୍ଷର ଶାସନକୁ ଧୂଳିସାତ୍ କରିଦେଇଛି। ୨୦୦ରୁ ଅଧିକ ଆସନ ଜିତି ବିଜେପି କେବଳ ମମତାଙ୍କ ଦୁର୍ଗ ଭାଙ୍ଗିନାହିଁ, ବରଂ ରାଜ୍ୟରେ ପ୍ରଥମ ଥର ପାଇଁ ନିଜର ସରକାର ଗଠନ କରିବାକୁ ଯାଉଛି। ଏହି ବିପୁଳ ବିଜୟ ପଶ୍ଚିମବଙ୍ଗ ଭୋଟରଙ୍କ ପସନ୍ଦରେ ଏକ ବଡ଼ ପରିବର୍ତ୍ତନକୁ ସୂଚାଉଛି, ଯେଉଁଠାରେ ବିଜେପିର ଜାତୀୟ ଏକତା, ନିଯୁକ୍ତି ସୁଯୋଗ ଏବଂ ଅନୁପ୍ରବେଶ ତଥା ଆଇନ ଶୃଙ୍ଖଳା ଉପରେ କଠୋର ଆଭିମୁଖ୍ୟକୁ ଜନତା ଗ୍ରହଣ କରିଛନ୍ତି।

ଅନ୍ୟପଟେ, ତାମିଲନାଡୁରେ ଦଶନ୍ଧି ଦଶନ୍ଧି ଧରି ଚାଲିଆସୁଥିବା ଦ୍ରାବିଡ଼ ଦଳଗୁଡ଼ିକର ଏକଚାଟିଆ ପ୍ରଭାବକୁ ଏକ ବଡ଼ ଧକ୍କା ଲାଗିଛି। ସୁପରଷ୍ଟାର୍ ଥାଲାପତି ବିଜୟଙ୍କ ନୂତନ ଦଳ 'ତାମିଲଗା ଭେଟ୍ରି କାଝାଗାମ' (ଟିଭିକେ) ନିଜର ପ୍ରଥମ ନିର୍ବାଚନରେ ଚମତ୍କାର ପ୍ରଦର୍ଶନ କରି ୧୦୭ଟି

### ତାମିଲନାଡୁରେ ଏବେ ଶାସନ କରିବେ ବିଜୟ
### ଆସାମରେ ହିମନ୍ତଙ୍କ ନେତୃତ୍ୱରେ ବିଜେପିର ହ୍ୟାଟ୍ରିକ
### କେରଳରେ ୟୁଡିଏଫ୍‌ର ବିଜୟ
### ପୁଡୁଚେରୀରେ ଏନ୍‌ଡିଏର ନୂତନ ଦିଗବଳୟ

ଆସନ ଜିତି ବହୁମତର ନିକଟତର ହୋଇଛି। ତାମିଲନାଡୁରେ ଟିଭିକେ ଶାସକ ଡିଏମ୍‌କେ ଏବଂ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେକୁ ପଛରେ ପକାଇ ଦେଇଛି। ଏହା ପ୍ରମାଣ କରୁଛି ଯେ ଅଭିନେତାଙ୍କ ସିନେମା ଜଗତର କ୍ରେଜ୍ ଏବେ ସଫଳ ରାଜନୈତିକ ଶକ୍ତିରେ ପରିଣତ ହୋଇଛି। କେରଳମ୍‌ରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ବିପୁଳ ବିଜୟ ସହ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଆସାମ ଓ ପୁଡୁଚେରୀରେ ଏନ୍‌ଡିଏ ନିଜର ଦବଦବା ବଜାୟ ରଖିଛି। ଆସାମରେ ବିଜେପିର ହ୍ୟାଟ୍ରିକ୍ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପାଇଁ ଏକ ଐତିହାସିକ ସଫଳତା ଆଣିଛି।

ପଶ୍ଚିମବଙ୍ଗରେ ବିଜେପି ୨୦୬ ଆସନ ହାସଲ କରିବା ୨୦୨୧ ଫଳାଫଳର ସମ୍ପୂର୍ଣ୍ଣ ଓଲଟା ଚିତ୍ର। କେନ୍ଦ୍ରୀୟ ଏବଂ ରାଜ୍ୟ ନେତୃତ୍ୱଙ୍କ ସମନ୍ୱିତ ପ୍ରଚାର, ସ୍ଥାନୀୟ ଦୁର୍ନୀତି ବିରୋଧୀ ଅଭିଯାନ ଏବଂ ଆର୍ଥିକ ମାନ୍ଦାବସ୍ଥାରେ ଅତିଷ୍ଠ ହୋଇଥିବା ଭୋଟରଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ଟିଏମ୍‌ସି ମାତ୍ର ୮୧ଟି ଆସନକୁ ଖସି ଆସିଥିବା ବେଳେ ଦଳର ମୁଖ୍ୟ ମମତା ବାନାର୍ଜୀ ନିଜର ଗଡ଼ ଭବାନୀପୁରରେ ପ୍ରତିଦ୍ୱନ୍ଦ୍ୱୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ହାରିଯାଇଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏବଂ ବାମଦଳ କେବଳ ୨ଟି ଲେଖାଏଁ ଆସନରେ ସୀମିତ ରହି ଲଜ୍ଜାଜନକ ପରାଜୟକୁ ସାମନା କରିଛନ୍ତି।

ତାମିଲନାଡୁ ରାଜନୀତିରେ 'ଥାଲାପତି' ବିଜୟଙ୍କ ଅଭ୍ୟୁଦୟ ରାଜ୍ୟ ରାଜନୀତିରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ଏବେ ପୂରଣ କରିଛି। ତାଙ୍କ ଦଳ ଟିଭିକେ ୧୦୭ଟି ଆସନ ଦଖଲ କରି ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ସାଜିଛି। ଏହି ନିର୍ବାଚନରେ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ପୃଷ୍ଠା→୭

## ଗଙ୍ଗୋତ୍ରୀଠାରୁ ଗଙ୍ଗାସାଗର ପର୍ଯ୍ୟନ୍ତ ବିଜେପିର ଅଭୂତପୂର୍ବ ବିଜୟ: ମୋଦୀ

ନୂଆଦିଲ୍ଲୀ: ଭାରତର ଲୋକତାନ୍ତ୍ରିକ ପରମ୍ପରାରେ ୨୦୨୬ର ବିଧାନସଭା ନିର୍ବାଚନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଭାବେ ଲିପିବଦ୍ଧ ହେବ। ପାଞ୍ଚଟି ରାଜ୍ୟରେ ହୋଇଥିବା ଏହି ନିର୍ବାଚନ ମଧ୍ୟରୁ ପଶ୍ଚିମବଙ୍ଗର ଫଳାଫଳ ସମଗ୍ର ଦେଶର ଧ୍ୟାନକୁ ଆକର୍ଷିତ କରିଛି। ଦୀର୍ଘଦିନ ଧରି ଅପରାଜିତ ଭାବରେ ଶାସନ କରୁଥିବା ତୃଣମୂଳ କଂଗ୍ରେସଙ୍କୁ ପରାସ୍ତ କରି ଭାରତୀୟ ଜନତା ପାର୍ଟି (ବିଜେପି) ଯେପରି ଭାବରେ ସ୍ପଷ୍ଟ ଅଧିକାଂଶ ଲାଭ କରିଛି, ତାହାକୁ ଏକ "ପାରାଡାଇମ୍ ଶିଫ୍ଟ" ବୋଲି କୁହାଯାଉଛି। ୨୯୪ଟି ଆସନ ଥିବା ପଶ୍ଚିମବଙ୍ଗରେ ବିଜେପି ୧୪୬ଟି ଆସନରେ ବିଜୟ ହୋଇଥିବା ସହ ୬୨ଟିରେ ଅଗ୍ରଣୀ ରହି ସର୍ବମୋଟ ୨୦୮ଟି ଆସନ ଅଧିକାର କରିଛି। ଏହା ସ୍ପଷ୍ଟ ଭାବରେ ଅଧିକାଂଶ ସୀମାକୁ ଅତିକ୍ରମ କରିଛି ଓ ରାଜ୍ୟରେ ଏକ ନୂଆ ସରକାର ଗଠନ ପାଇଁ ପଥ ପ୍ରସ୍ତୁତ କରିଛି। ଏପରି ଫଳାଫଳ କେବଳ ଏକ ସାଧାରଣ ଜୟ ନୁହେଁ, ବରଂ ଦୀର୍ଘ ସମୟ ଧରି ଚାଲିଥିବା ରାଜନୀତିକ ପରମ୍ପରାକୁ ଭଙ୍ଗି ଦେଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱ ତଳେ ତୃଣମୂଳ କଂଗ୍ରେସ ଦୀର୍ଘଦିନ ଧରି ରାଜ୍ୟରେ ଦୃଢ଼ ଶାସନ କରୁଥିଲେ। କିନ୍ତୁ ଏଥର ଜନତା ନୂଆ ପରିବର୍ତ୍ତନ ପାଇଁ ମତ ପ୍ରକାଶ କରିଛନ୍ତି। ଏହି ଫଳାଫଳ ଦେଖାଇଦେଇଛି ଯେ ଲୋକତନ୍ତ୍ରରେ କୌଣସି ଶକ୍ତି ସ୍ଥାୟୀ ନୁହେଁ ଓ ଜନମତ ସଦା ସର୍ବୋଚ୍ଚ। ଏହି ବିଜୟକୁ ବିଜେପି ତାଙ୍କର ସ୍ଥାପକ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତି ଏକ ଅବିସ୍ମରଣୀୟ ଶ୍ରଦ୍ଧାଞ୍ଜଳି ଭାବେ ଦେଖୁଛି। ପଶ୍ଚିମବଙ୍ଗ ହେଉଛି ମୁଖାର୍ଜୀଙ୍କ ଜନ୍ମଭୂମି ଓ ତାଙ୍କର ଆଦର୍ଶ ଓ ଚିନ୍ତାଧାରା ଏହି ଭୂମିରେ ଗଭୀର ଭାବରେ ଜଡିତ। ଏହି ଜୟ ମାଧ୍ୟମରେ ବିଜେପି ତାଙ୍କର ଆଦର୍ଶକୁ ପୁନଃ ସ୍ଥାପିତ କରିଛି ବୋଲି ଦଳୀୟ ନେତାମାନେ ମତ ପ୍ରକାଶ କରିଛନ୍ତି। "ଗଙ୍ଗୋତ୍ରୀ ଠାରୁ ଗଙ୍ଗାସାଗର" ପର୍ଯ୍ୟନ୍ତ ବିଜେପିର ଶାସନ ପୃଷ୍ଠା→୭

## ବିଜେପି କାର୍ଯ୍ୟାଳୟରେ ବିଜୟ ଉତ୍ସବ



ଭୁବନେଶ୍ୱର: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ଏକତରଫା ବିଜୟ ହାସଲ କରିଛି। ଏହି ବିଜୟରେ ଓଡ଼ିଶା ବିଜେପି ନେତାଙ୍କର ଯୋଗଦାନ ବହୁତ ଅଛି। ପଶ୍ଚିମବଙ୍ଗବାସୀଙ୍କର ଓଡ଼ିଶା, ଓଡ଼ିଆ ଭାଷା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସହ ସମ୍ପର୍କ ଥିବାରୁ ଓଡ଼ିଶାର ବିଜେପି ନେତାମାନେ ଏହାକୁ ପ୍ରଚାରର ମାଧ୍ୟମ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକାଧିକ ଥର ପଶ୍ଚିମବଙ୍ଗ ଯାଇ ପ୍ରଚାରରେ ସାମିଲ ହୋଇଥିଲେ। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେଠାରେ ଅନେକ ଦିନ ରହି ନିର୍ବାଚନକୁ ପରିଚାଳନା କରିଥିଲେ। ରାଜ୍ୟର ବହୁ ମନ୍ତ୍ରୀ, ୫୦ରୁ ଅଧିକ ବିଧାୟକ, ବିଜେପିର ବହୁ ପଦାଧିକାରୀ, ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତାମାନେ ପଶ୍ଚିମବଙ୍ଗର କୋଣ ଅନୁକୋଣରେ ଖେଦି ଯାଇଥିଲେ। ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ପ୍ରଚାର ଦାୟିତ୍ୱ ନେବା ସହ ପ୍ରାୟ ମାସାଧିକକାଳ ଜୋରଦାର୍ ପ୍ରଚାର କରିଥିଲେ। ଆଉ ଆଜିର ବିଜୟ ପରେ ଓଡ଼ିଶା ବିଜେପିରେ ଖୁସିର ମାହୋଲ୍ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ସମେତ ଆସାମ, ପୁଡୁଚେରୀରେ ବିଜେପିର ବିଜୟ ପାଇଁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ ହୋଇଛି। ବିଜେପି ନେତା ଓ କର୍ମୀମାନେ ବାଣ ଫୁଟାଇ, ବାଜା ବଜାଇ ନାଚିବା ସହ ପରସ୍ପରକୁ ମିଠା, ଝାଲ ମୁଢ଼ି ଖୁଆଇ ଶୁଭେଚ୍ଛା ଜଣାଇଛନ୍ତି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ ଏହି ବିଜୟ କେବଳ ଏକ ସଂଖ୍ୟା ନୁହେଁ, ବରଂ ଜନସେବା ପ୍ରତି ଥିବା ଆମର ପ୍ରତିବଦ୍ଧତାର ପ୍ରତିଫଳନ। ପଶ୍ଚିମବଙ୍ଗର ଭାଇଭଉଣୀମାନେ ବିକାଶ ଓ ପ୍ରଗତି ସପକ୍ଷରେ ମତ ଦେଇଛନ୍ତି।






## ଶ୍ରୀମନ୍ଦିରରେ ଅକ୍ଷୟ ତୃତୀୟା,ଚନ୍ଦନଯାତ୍ରା ଆରମ୍ଭ ଓ ରଥକାଠ ଅନୁକୂଳ







ପୁରୀ: ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଶେଷ ନୀତି ମାନ ଶ୍ରୀମନ୍ଦିରରେ ପାଳିତ ହୋଇଅଛି। ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ଆଜି ରାତ୍ର ଘ.୩.୫୦ ଟିକାରେ ହୋଇ ଭିତର ଶୋଧ ଘ.୪.୩୦ ମି., ମହାପ୍ରଭୁଙ୍କ ମଙ୍ଗଳ ଆଳତି ଘ. ୪.୪୦ମି. ରେ ବଢ଼ି ଅବକାଶ ନୀତି ଘ.୫.୫୦ମି ରେ ଶେଷ ହୋଇ ପରବର୍ତ୍ତି ନୀତି ମାନ ଅନୁଷ୍ଠିତ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ସକାଳଧୂପ ଘ.୯.୨୦ମି ରେ ଶେଷ ହେବାପରେ ମଇଲମ ଘ.୯.୫୫ ମି ରେ ହୋଇ , ଯାତ୍ରାଙ୍ଗି ମହାସ୍ନାନ ଘ.୧୦.୪୦ ମି ରେ ବଢିଥିଲା, ଏହାପରେ ପୂର୍ବ ଦିନରୁ ଅଧିବାସିତ ହୋଇ ରହିଥିବା ପ୍ରାୟ ୭କିଲୋ ଚନ୍ଦନ କୁ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ରେ ଓ ମୁଦିରସ୍ତ ଏବଂ ତିନି ଜଣ ପାଳିଆ ପୁଷ୍ପାଳକ ଭୋଗ ମଣ୍ଡପ ଘର ଠାରୁ ଚନ୍ଦନ ବେଢ଼ାକୁ ବାହାରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଘ.୧୧.୨୫ମି ସୁଦ୍ଧା ତିନି ଘେରା ଚନ୍ଦନ ବେଢ଼ା ପରିକ୍ରମା ସମ୍ପନ୍ନ ପରେ ପାଣି ପଡ଼ି ଘ.୧୨.୧୦ମିରେ ଖଇକୋରା ଭୋଗ ସମାପନ ହୋଇଥିଲା। ଭୋଗ ସରିବାପରେ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ରେ ଓ ମୁଦିରସ୍ତ ଏବଂ ତିନି ଜଣ ପାଳିଆ ପୁଷ୍ପାଳକଙ୍କ ଦ୍ୱାରା ଛାମୁ ଖୁଣ୍ଟିଆଙ୍କ ମଣିମା ଡାକ ପୂର୍ବକ ଘ.୧୨.୫୫ମି ସୁଦ୍ଧା ଘଣ୍ଟ ଛତା ସର୍ବାଙ୍ଗ ଚନ୍ଦନ ଲାଗି ହୋଇଥିଲା, ପରେ ୬ମୂର୍ତ୍ତି ଅଳଙ୍କାର ଅଳକା,ଚଉସରା, ଗୁଣା, ଝୁମ୍ପା ସହ ଆଜ୍ଞାମାଳ ଲାଗି ହୋଇ ଘ ୧.୨୫ମି ସୁଦ୍ଧା ବେଶ ବଢ଼ି ପାଣି ପଡ଼ିଥିଲା, ଘ.୨.୦୫ମିରେ ଘଣ୍ଟ ଛତା ମଧ୍ୟାହ୍ନ ଧୂପ ସହ ଯାତଭୋଗ ଡାକି ଯାଇଥିଲେ,ମଧ୍ୟାହ୍ନ ଧୂପ ଛେକ ଓ ଭୋଗମଣ୍ଡପ ଘ.୨.୧୫ମିରେ ଉଠିବା ପରେ ଶ୍ରୀରାମ କୃଷ୍ଣ, ଶ୍ରୀମଦନ ମୋହନ ଘ.୨.୨୦ ମିରେ ଭିତରକୁ ବିଜେ କରିଥିଲେ, ଏହାପରେ ତଳୁଛ, ପ୍ରଧାନୀ ହାତ ମୁଦ ପଟୁଆର ସହିତ ଭୋଗ ଛାମୁକୁ ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ, ପ୍ରସାଦ ଲାଗି ବଢ଼ିଲାପରେ ପାଳିଆ ପୂଜାପଣ୍ଡା ତିନିଜଣ ମଧ୍ୟାହ୍ନ ଧୂପ ଷୋଡଶ ଉପଚାରରେ ଭୋଗ ଅପରାହ୍ନ ଘ.୩.୨୦ମି ସୁଦ୍ଧା ପୃଷ୍ଠା→୭

# ଜୁନ୍ ୧ରୁ ବେଳାଭୂମିରେ ଜାତୀୟ କୃଷି ଓ ଲୋକମେଳା




ପୁରୀ: ଆସନ୍ତା ଜୁନ୍ ମାସରେ ପୁରୀରେ ଆୟୋଜିତ ହେବାକୁ ଯାଉଥିବା ୨୪ତମ ଜାତୀୟ ଲୋକମେଳା ଓ ୧୭ତମ କୃଷି ମେଳା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଜି ପୁରୀ ଜିଲ୍ଲାର ବିରା ହରେକୃଷ୍ଣପୁର ଅବସ୍ଥିତ ମା ୱିରାଜାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମାଜର ବିଭିନ୍ନ କ୍ଷେତ୍ରର ଅନେକ ଗଣ୍ୟମାନ୍ୟ ବ୍ୟକ୍ତିତ୍ୱ ଯୋଗଦେଇ ଆସନ୍ତା ଜାତୀୟ ମହାଉତ୍ସବ ସମ୍ବନ୍ଧରେ ବ୍ୟାପକ ଆଲୋଚନା କରିଥିଲେ। ଲୋକମେଳାରେ ଭାରତର ୨୫ ରାଜ୍ୟରୁ ପ୍ରାୟ ୮୦୦ ଲୋକନୃତ୍ୟ ଯୋଗ ଦେଉଥିବା ବେଳେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ କୃଷି, ମତ୍ସ୍ୟ ଓ ପଶୁପାଳନ, ପାଣିପାଗ ବିଭାଗ କୃଷିମେଳାରେ ଯୋଗଦେବେ ।

ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ବିଧାୟକ, ପୁରୀ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜେପି ଜିଲ୍ଲା ସଭାପତି, ଦେବେନ୍ଦ୍ର ନାଥ ତରାଇ, ପ୍ରଫେସର ପ୍ରଭାତ କୁମାର ମହାପାତ୍ର, କୁଳପତି ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କୁଳପତି ଓଡ଼ିଆ ବିଶ୍ୱବିଦ୍ୟାଳୟ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ , ଅଧ୍ୟକ୍ଷ, ଶ୍ରୀକ୍ଷେତ୍ର ସୂଚନା ଆଚାର୍ଯ୍ୟ ହରେକୃଷ୍ଣ ସତପଥୀ , ଉପାଧ୍ୟକ୍ଷ ଭରତ କୁମାର ନାୟକ, ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି, ଡ଼ଃ କୈଳାଶ ଚନ୍ଦ୍ର ଟିକାୟତରାୟ ,ଡ଼ଃ ବଦ୍ରୀ ମିଶ୍ର, ସନ୍ତୋଷ କୁମାର ମହାନ୍ତି, ମଧୁ ସୂଦନ ମିଶ୍ର , ସୁନୀଲ କୁମାର ରଥ, ବିଶ୍ୱନାଥ ମିଶ୍ର ,ମନୋଜ ରଥ,କୋଷାଦକ୍ଷ ନାରାୟଣ ପାତ୍ର ,ସତ୍ୟବ୍ରତ ଦାସ, ହୁଲାଶ ଚନ୍ଦ୍ର, ପ୍ରତାପ ଚନ୍ଦ୍ର ଦଳେଇ, ଶ୍ୟାମ ପ୍ରକାଶ ସେନାପତି, , ତାରା ପ୍ରସାଦ ଦାଶ, ଶିବ ସୁନ୍ଦର ମିଶ୍ର, ବିଦ୍ରୋହ ସିଂହ, ସୌମ୍ୟ ରଞ୍ଜନ ମିଶ୍ର, ଗୌତମ ମିଶ୍ର, ପୁଷ୍କର ସାହୁ ଓ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ।

ବୈଠକରେ ନିଷ୍ପତ୍ତି ହୋଇଛି ଯେ, ଆସନ୍ତା ୧ ଜୁନ୍ ରୁ ୫ ଜୁନ୍ ୨୦୨୬ ପର୍ଯ୍ୟନ୍ତ ପୁରୀର ଗୋଲ୍ଡେନ ସି ବିଚ୍, ମହୋଦଧି ନିବାସ ସମ୍ମୁଖରେ ୨୪ତମ ଜାତୀୟ ଲୋକମେଳା ଆୟୋଜିତ ହେବ, ଯେଉଁଥିରେ ଦେଶର ୨୫ଟି ରାଜ୍ୟର ସାଂସ୍କୃତିକ ଦଳମାନେ ଯୋଗଦେଇ ନିଜର ଲୋକନୃତ୍ୟ, ସଙ୍ଗୀତ ଓ ପାରମ୍ପରିକ କଳାକୃତି ପ୍ରଦର୍ଶନ କରିବେ। ଏହି ମହୋତ୍ସବ ଭାରତର ଆଦିବାସୀ ଓ ଲୋକସଂସ୍କୃତିକୁ ଜାତୀୟ ପରିସରରେ ପ୍ରଚାର କରିବା ସହ "ଏକ ଭାରତ ଶ୍ରେଷ୍ଠ ଭାରତ" ଧାରଣାକୁ ସୁଦୃଢ଼ କରିବ।

ଏହା ସହିତ ୧୭ତମ ଜାତୀୟ କୃଷି ମେଳା ମଧ୍ୟ ସେହି ସ୍ଥାନରେ ଆୟୋଜିତ ହେବ, ଯେଉଁଥିରେ କୃଷି, ଉଦ୍ୟାନ, ମାଛଚାଷ, ପଶୁପାଳନ, ବାୟୋଟେକ୍ନୋଲୋଜି ଓ ଗ୍ରାମୀଣ ଉନ୍ନତି ସମ୍ବନ୍ଧୀୟ ନୂତନ ପ୍ରଯୁକ୍ତି ଓ ନବୀନତା ପ୍ରଦର୍ଶିତ ହେବ। ଏହା କୃଷକ, ଗବେଷକ ଓ ଉଦ୍ୟମୀମାନଙ୍କ ପାଇଁ ଏକ ଜାତୀୟ ମଞ୍ଚ ରୂପେ କାର୍ଯ୍ୟ କରିବ।

ବୈଠକରେ ଜୟନ୍ତ କୁମାର ଷଡ଼ଙ୍ଗୀ ଙ୍କ ଅଧ୍ୟକ୍ଷତାରେ ଏକ ତିନି ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଛି, ଯାହାରେ ଡ଼ଃ ଦେବେନ୍ଦ୍ର ନାଥ ତରାଇ ଓ ଇଂ. ଚିତ୍ତରଞ୍ଜନ ବିଶ୍ୱାଳ ସଦସ୍ୟ ଭାବେ ରହିବେ। ଏହି କମିଟି ରାଜ୍ୟପାଳ , ବାଚସ୍ପତି ,ମୁଖ୍ୟମନ୍ତ୍ରୀ ,ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ମଣ୍ଡଳ ଅନ୍ୟ ସଦସ୍ୟ ,ସାଂସଦ ଓ ବିଧାୟକମାନଙ୍କୁ ଆମନ୍ତ୍ରଣ ସହିତ ସମାଜର ବିଭିନ୍ନ କ୍ଷେତ୍ରର ଗଣ୍ୟମାନ୍ୟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ ଜଣାଇବେ।

ଏହି ଅବସରରେ ଉଭୟ କୁଳପତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇ ତାଙ୍କୁ ସଂଗଠନର ପରାମର୍ଶଦାତା ଭାବେ ଯୋଗଦେବାକୁ ଅନୁରୋଧ କରାଯାଇଥିଲା। ଏହି ଦୁଇ ଜାତୀୟ ମହାଉତ୍ସବ କୁ ସଫଳ କରିବା ପାଇଁ ଲୋକସଭା ସାଂସଦ ଡ଼ଃ ସମ୍ବିତ ପାତ୍ର ଓ ସୁଭାଶିଷ ଖୁଣ୍ଟିଆଙ୍କୁ କେନ୍ଦ୍ର ସରକାରର ବିଭିନ୍ନ ବିଭାଗର ସକ୍ରିୟ ଭାଗିଦାରି ସୁନିଶ୍ଚିତ କରିବା ପାଇଁ ଅନୁରୋଧ କରାଯିବା ପାଇଁ ମତ ପ୍ରକାଶ ପାଇଥିଲା । ଏହି ବୈଠକ ଆସନ୍ତା ଜାତୀୟ ମହାଉତ୍ସବକୁ ସଫଳ କରିବା ପାଇଁ ଏକ ସୁଦୃଢ଼ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ଲକ୍ଷାଧିକ ଦର୍ଶକ ସମବେତ ହେବାର ସମ୍ଭାବନା ଥିବାରୁ ଏହାର ସଫଳ ରୂପାୟଣ ଓ ଶୃଙ୍ଖଳିତ କରିବା ପାଇଁ ଖୁବ୍‌ଶୀଘ୍ର ଜିଲ୍ଲା ପ୍ରଶାସନ ସହ ଏକ ବୈଠକ କରାଯିବ । ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ରାଜ୍ୟର କଳାକାରମାନେ ବେଳାଭୂମି ସଫେଇ କରିବେ ବୋଲି ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# ଅର୍ଥ ବିଭାଗ ପ୍ରମୁଖ ସଚିବଙ୍କ ବଜେଟ ଆଲୋଚନା

ପୁରୀ : ଆମ ବଜେଟ ଆମେ ଜାଣିବା ଆବଶ୍ୟକ। ତେଣୁ ଚଳିତ ୨୦୨୬-୨୭ ବଜେଟ କୁ ଲୋକ ମାନଙ୍କ ନିକଟରେ ଉପସ୍ଥାପନ କରିବା ସହ ମୂଲ୍ୟବାନ ପ୍ରସ୍ତାବ ଗୁଡ଼ିକ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର।ଚଳିତ ବଜେଟ ସମ୍ପର୍କରେ ଆଲୋଚନା ସହ ଯେଉଁ ପ୍ରକଳ୍ପ ବା ଯୋଜନା ପାଇଁ ଅର୍ଥ ବ୍ୟବସ୍ଥା ହେଉଛି ଏହାର ସଫଳ ଓ ସମୟ ଭିତ୍ତିକ ବିନିଯୋଗ ସମ୍ପର୍କରେ ଏକ ସମୀକ୍ଷା ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଅର୍ଥ ବିଭାଗର ପ୍ରମୁଖ ସଚିବ ଶ୍ରୀ ମିଶ୍ର ଅର୍ଥ ବିଭାଗର ବିବିଧ ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ।ଆମେ ଜାଣିବା ଆମ ବଜେଟ ନାମରେ ରାଜ୍ୟ ସରକାର ଏକ ଭଲ ପଦକ୍ଷେପ ନେଇଛନ୍ତି।ଯାହା ଫଳରେ ରାଜ୍ୟର ପ୍ରତ୍ୟେକ ନାଗରିକ ସରକାରଙ୍କ ବଜେଟ ସମ୍ପର୍କରେ ଅବଗତ ହୋଇ ପାରିବେ ବୋଲି କେନ୍ଦ୍ରୀକ ପ୍ରଶାସନ, ପଥ ପ୍ରଦର୍ଶନକାରୀ ପ୍ରଯୁକ୍ତି, ଆମ ପରମ୍ପରା ଆମର ଗର୍ବ, ଗ୍ରାମୀଣ ସଶକ୍ତିକରଣ ଓ ସମସ୍ତଙ୍କ ସମୃଦ୍ଧି ହିଁ ଏହାର ମୂଳ ଲକ୍ଷ୍ୟ ବୋଲି କହିବା ସହ ଓଡ଼ିଶାର ସାମଗ୍ରିକ ଉନ୍ନତି, ଭିତ୍ତିଭୂମି ର ବିକାଶ,ରାସ୍ତା ଘାଟ,ସ୍ୱାସ୍ଥ୍ୟ, ଗମନାଗମନ ଇତ୍ୟାଦି ମାଧ୍ୟମରେ ଜନ ସାଧାରଣ ଙ୍କ ପାଇଁ ସମସ୍ତ ସୁବିଧା ସମ୍ପର୍କରେ ଅବଗତ କରାଇବାକୁ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ। ସେହିପରି ଫୋକସ ଅଞ୍ଚଳ ଭାବେ ସଂସ୍କୃତି ଓ ପର୍ଯ୍ୟଟନ, କୃଷି ଓ ଆନୁଷ୍ଠାନିକ କୃଷି, ରାସ୍ତା ଓ ଗମନାଗମନ, ସ୍ୱାସ୍ଥ୍ୟ ସେବା, ଏମ ଏସ ଏମ ଇ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ ଅବଗତ କରାଇଥିଲେ।ପୁରୀ ଜିଲ୍ଲା ପାଇଁ ବଜେଟରେ ବ୍ୟବସ୍ଥା ସମ୍ପର୍କରେ ସେ ସୂଚନା ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମୁନିସିପାଲ



ସେ କହିଥିଲେ।ଏହି ବଜେଟ କଣ,କେଉଁ ପ୍ରକଳ୍ପ, ଏହା ଦ୍ୱାରା ଉପକୃତ ହେବା,ପୂର୍ବ ବଜେଟ କଣ ରହିଥିଲା, କେନ୍ଦ୍ରୀୟ ଅନୁଦାନ, ଷୋଡଶ ଅର୍ଥ କମିଶନ ଇତ୍ୟାଦି ସମ୍ବନ୍ଧ ରେ ସେ ଆଲୋକପାତ କରିଥିଲେ। ଚଳିତ ବଜେଟରେ ଜ୍ଞାନକୁ ଗୁରୁତ୍ୱ ଦିଆଯାଇଛି। ଅର୍ଥାତ ଗରିବ,ଯୁବକ, ଅନ୍ନଦାତା ଓ ନାରୀ ଶକ୍ତି।ସମୃଦ୍ଧ ଓଡିଶା ୨୦୩୬ ଓ ବିକଶିତ ଓଡିଶା ୨୦୪୭ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି।ନାଗରିକ ଙ୍କୁ ପ୍ରାଥମିକତା, ଲୋକ

କର୍ପୋରେସନ ର କମିଶନର ସ୍ନେହା ଅରୁଗୁଳା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ ,ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଏସ.ସି.ଏସ. ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ଛାତ୍ରଛାତ୍ରୀଙ୍କ ଏନଇପି ୨୦୨୦ ଇଣ୍ଟର୍ନସିପ୍ ଆରମ୍ଭ

ପୁରୀ: ଜାତୀୟ ଶିକ୍ଷା ନୀତି ଏନ୍‌ଇପି୨୦୨୦ରେ ଅଂଶବିଶେଷ ସ୍ୱରୂପ, ପୁରୀସ୍ଥିତ ଏସ.ସି.ଏସ. ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗର ସ୍ନାତକ (UG) ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ଭୁବନେଶ୍ୱରର ଭାରତୀୟ ବିଦ୍ୟା ଭବନଠାରେ ସେମାନଙ୍କର ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ମେଜର ଜେନେରାଲ ଅତନୁ ପଟ୍ଟନାୟକଙ୍କ ଏକ ପ୍ରାରମ୍ଭିକ ଉପସ୍ଥାପନା ସହିତ ଆରମ୍ଭ ହୋଇଥିଲା। ଭାରତୀୟ ବିଦ୍ୟା ଭବନରେ ଉଦବୋଧନ ଦେଇ ମେଜର ଜେନେରାଲ ପଟ୍ଟନାୟକ ଐତିହ୍ୟର ନିର୍ବାହ ତଥା ବୟନ ଐତିହ୍ୟକୁ ବଞ୍ଚାଇ ରଖିବାରେ ଏହି କେନ୍ଦ୍ରର ଭୂମିକା ବ୍ୟାଖ୍ୟା କରିଥିଲେ।

ଏହି ଇଣ୍ଟର୍ନସିପ୍ ୨୦୨୦ର ଅନୁଭୂତିଜନ୍ୟ ଶିକ୍ଷା, ଦକ୍ଷତା ବୃଦ୍ଧି ଏବଂ ଶିଳ୍ପ-ଶିକ୍ଷା ସଂଯୋଗ ଉପରେ ଆଧାରିତ। ଏସ.ସି.ଏସ. ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ସଙ୍ଗୀତା ମିଶ୍ର ଏବଂ ଡ. ଅଜୟ କୁମାର ସେଠୀ ଛାତ୍ରଛାତ୍ରୀମାନଙ୍କ ସହ ଉପସ୍ଥିତ ଥିଲେ। ସେମାନେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଅଭିଲେଖାଗାର କାର୍ଯ୍ୟ, ଐତିହ୍ୟର ବ୍ୟାଖ୍ୟା ଏବଂ ସଂଗ୍ରହାଳୟ ଅଧ୍ୟୟନ



ସଂରକ୍ଷଣ ଏବଂ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଭାରତର ସାଂସ୍କୃତିକ ଉତ୍ତରାଧିକାରର ସକ୍ରିୟ ରକ୍ଷକ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଐତିହ୍ୟ ପରିଚାଳନାରେ ଶିକ୍ଷାଗତ ଗବେଷଣା, ଗୋଷ୍ଠୀ ସହଭାଗିତା ଏବଂ ଆଧୁନିକ ବୈଷୟିକ ଜ୍ଞାନକୌଶଳର ସମନ୍ୱୟ କିପରି ହୋଇଥାଏ, ସେ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି ଅଧିବେଶନ ପରେ, ଛାତ୍ରଛାତ୍ରୀମାନେ ଭାରତ ସରକାରଙ୍କ ବୟନ ଶିଳ୍ପ ବିଭାଗ ଅଧୀନରେ ଥିବା ଏକ ଗବେଷଣା ଶାଖା 'ବୁଣାକାର ସେବା କେନ୍ଦ୍ର' ପରିଦର୍ଶନ କରିଥିଲେ। ସେଠାରେ ସେମାନଙ୍କୁ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳା, ବୟନ ଶିଳ୍ପର ଦସ୍ତାବିଜିକରଣ ପଦ୍ଧତି ଏବଂ ଚାଲିଥିବା ସଂରକ୍ଷଣ ପ୍ରୟାସ ବିଷୟରେ ଅବଗତ କରାଯାଇଥିଲା। ବିଶେଷଜ୍ଞମାନେ ବୁଣାକାର ଶୈଳୀର ପ୍ରଦର୍ଶନ କରିଥିଲେ ଏବଂ ଶିଳ୍ପ ଭିତ୍ତିକ ଜୀବିକା କ୍ଷେତ୍ରରେ ବ୍ୟବହାରିକ ଅଭିଜ୍ଞତା ପ୍ରଦାନ କରିବ। ଏହି ଇଣ୍ଟର୍ନସିପ୍ ଆଗାମୀ କିଛି ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ।

ଛାତ୍ରଛାତ୍ରୀମାନେ ପ୍ରଥମ ଦିନର ଅଭିଜ୍ଞତାକୁ "ଜ୍ଞାନବର୍ଦ୍ଧକ ଏବଂ ପ୍ରେରଣାଦାୟକ" ବୋଲି ବର୍ଣ୍ଣନା କରିଛନ୍ତି। ବିଶେଷଜ୍ଞଙ୍କ ସହ ଆଲୋଚନା ଏବଂ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ ଦ୍ୱାରା ଐତିହାସିକ ଜ୍ଞାନକୁ ବାସ୍ତବ କ୍ଷେତ୍ରରେ କିପରି ପ୍ରୟୋଗ କରାଯାଏ, ସେ ସମ୍ପର୍କରେ ସେମାନେ ଏକ ସ୍ପଷ୍ଟ ଧାରଣା ପାଇଥିବା ପ୍ରକାଶ କରିଛନ୍ତି।

ଇତିହାସ ବିଭାଗ ଏହି ଇଣ୍ଟର୍ନସିପରୁ ମିଳିଥିବା ଛାତ୍ରଛାତ୍ରୀଙ୍କ ଅନୁସନ୍ଧାନଗୁଡ଼ିକୁ ଦସ୍ତାବିଜ୍ କରିବାକୁ ଯୋଜନା ରଖିଛି ଏବଂ ଭବିଷ୍ୟତରେଏନ୍‌ଇପି ୨୦୨୦ ର କାର୍ଯ୍ୟକ୍ରମକୁ ଅଧିକ ମଜବୁତ କରିବା ପାଇଁ ଓଡ଼ିଶାର ବିଭିନ୍ନ ଐତିହ୍ୟ ପ୍ରତିଷ୍ଠାନ ସହିତ ସହଯୋଗ କରିବ।

# ଜିଲ୍ଲା ସ୍ତରୀୟ ବାଲ୍ୟ ବିବାହ ମୁକ୍ତ ଓଡିଶା ସଚେତନତା ଶିବିର

ପୁରୀ: ଜିଲ୍ଲା ସ୍ତରୀୟ ଅକ୍ଷୟତୃତୀୟା ଅବସରରେ ବାଲ୍ୟ ବିବାହ ନିଷେଧ ପାଇଁ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷ, ପୁରୀ ଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶ୍ରୀମତୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆଇନ ପରିବିକ୍ଷ ଅଧିକାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ ତଥା ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅକ୍ଷୟତୃତୀୟା ଅବସରରେ ଯେପରି ବାଲ୍ୟ ବିବାହ ନ ହୁଏ, ସେଥିପାଇଁ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ବ୍ଲକ ଓ ଅଙ୍ଗନବାଡି କେନ୍ଦ୍ର ସ୍ତରରେ କରିବାକୁ ପରାମର୍ଶ ଦିଆଗଲା ଓ ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବ୍ଲକସ୍ତରୀୟ ବାଲ୍ୟ ବିବାହ ନିଷେଧ ଅଧିକାରୀ , ଗ୍ରାମର ମୁଖ୍ୟ , ୱାର୍ଡ ମେମ୍ବର, ଧର୍ମଯାଜକ, ମନ୍ଦିର ପୂଜକ ମାନଙ୍କୁ ସାମିଲ କରିବା ପାଇଁ ଆଲୋଚନା କରାଗଲା।



# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ପୁରୀ: ପୁରୀ ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଦିବସ ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା। ପୁରୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପଞ୍ଚାୟତରାଜ ବ୍ୟବସ୍ଥା ସାଧାରଣ ଲୋକ ମାନଙ୍କ ଆଶା ଭରସାର ପ୍ରତୀକ। ଏହା ସାମ୍ବିଧାନିକ ଅଧିକାର ମଧ୍ୟ ବୋଲି କହିଥିଲେ। ପ୍ରତ୍ୟେକ ଙ୍କ ବିକାଶ ଓ ଉନ୍ନତି ପାଇଁ ଏହା କାର୍ଯ୍ୟ କରୁଛି ବୋଲି ଶ୍ରୀ ମହାନ୍ତି କହିବା ସହ ଅନ୍ତୋଦୟ ଗୃହ ଯୋଜନାର ହିତାଧିକାରୀ ମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କରି ପ୍ରୋତ୍ସାହନ ରାଶି ହାତେଇବାକୁ ଅନୁରୋଧ କରିଥିଲେ।ପୁରୀ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବାକର ପାତ୍ର ଯୋଗ ଦେଇ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ନେହା ଅରୁଗୁଳା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପୁରୀ ଜିଲ୍ଲାର ୧୮୫୨ ଜଣ ଙ୍କୁ ଅନ୍ତୋଦୟ ଗୃହ ଯୋଜନା ରେ ଆଜି କାର୍ଯ୍ୟାଦେଶ ବଣ୍ଟନ ର ବ୍ୟବସ୍ଥା ରହିଥିବା ବେଳେ ପୁରୀ ସଦର ବ୍ଲକ ର ୨୦୬ ଜଣ ଙ୍କୁ କାର୍ଯ୍ୟାଦେଶ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କରିଥିବାରୁ ୫ ଜଣ ଙ୍କୁ ପ୍ରୋତ୍ସାହନ ଅର୍ଥ ପ୍ରଦାନ କରାଯାଇଥିଲା।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୁରୀ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଲବଣ ସତ୍ୟାଗ୍ରହ ସ୍ମାରକୀ ପ୍ରସ୍ତୁତି ବୈଠକ



ପୁରୀ: ଅସ୍ତରଙ୍ଗ ବ୍ଲକ ର ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡି ଠାରେ ପ୍ରତି ବର୍ଷ ମଇ ମାସ ୨୧ ତାରିଖ କୁ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଭାବେ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ୯୬ ତମ ରାଜ୍ୟସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମରେ ଲବଣ ସତ୍ୟାଗ୍ରହ ର ଭୂମିକା ଅତିବ ଗୁରୁତ୍ୱପୂର୍ଣ୍ଣ। ମହାତ୍ମାଗାନ୍ଧୀଙ୍କ ଡାକରାରେ ଲକ୍ଷ ଲକ୍ଷ ସଂଗ୍ରାମୀ ଏଥିରେ ସ୍ୱତଃ ପ୍ରବୃତ୍ତଃ ଭାବେ ଯୋଗ ଦେଇଥିଲେ।ସେମାନଙ୍କ ତ୍ୟାଗ ଓ ବଳିଦାନ ର ଫଳ ଆମର ଦେଶର ସ୍ୱାଧୀନତା, ଯାହା ଆମେ ଉପଭୋଗ କରୁଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା କହିବା ସହ ଏହି ଦିବସ କୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ମିଳିତ ସହଯୋଗରେ ଏହା ପ୍ରତ୍ୟେକ ବର୍ଷ କୁହୁଡି ଠାରେ ପାଳିତ ହୋଇଥାଏ। ଚଳିତ ବର୍ଷ ଏହାକୁ ଅନୁରୂପ ଭାବେ ସମସ୍ତ ଙ୍କ ସହଯୋଗ ରେ ପାଳନ କରାଯିବାର ବ୍ୟବସ୍ଥା ହେଉଛି ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ କୁମାର ପଟ୍ଟନାୟକ କହିଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ମଇ ୨୧ ତାରିଖ ପୂର୍ବାହ୍ନ ୭ ଘଟିକା ସମୟରେ ବ୍ଲକ ନିକଟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି, ବ୍ଲକ ପରିସରରେ ଥିବା ସ୍ମୃତି ସ୍ତମ୍ଭ ଠାରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା କୁହୁଡି ଠାରେ ପହଞ୍ଚିବ।ସେଠାରେ ବରପୁତ୍ର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ପରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନୀ ପରିଡା,ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ଜିଲ୍ଲା ସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ

ପୁରୀ : ପୁରୀ ଜିଲ୍ଲା ସ୍ତରୀୟ ରବି ଋତୁ ଧାନ ସଂଗ୍ରହ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଗତକାଲି ସଂଧ୍ୟାରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା।ରବି ଧାନ ସଂଗ୍ରହ ମଇ ମାସ ୧୫ ତାରିଖ ଠାରୁ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଖରିଫ ଧାନ ସଂଗ୍ରହ ପରି ରବି ଧାନ ସଂଗ୍ରହ କୁ ସମସ୍ତଙ୍କ ଉଦ୍ୟମ ରେ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ।କୃଷକ ମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବା,ଧାନ



ମଣ୍ଡି ଗୁଡିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା,ଧାନ ସଂଗ୍ରହ ଉପକରଣ ସବୁ କୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ଚଳିତ ବର୍ଷ ୨୨୨୩୬ କୃଷକ ନାମ ପଞ୍ଜିକରଣ କରିଛନ୍ତି।ଗତ ଖରିଫ ଋତୁରେ ଜିଲ୍ଲାରେ ୨୧୦୪୦୦.୦୦ ମେଟ୍ରିକ ଟନ ଧାନ ସଂଗ୍ରହ ର ଧାର୍ଯ୍ୟ ଲକ୍ଷ ରୁ ୨୦୩୫୨୦.୫୭୯ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା। ଜିଲ୍ଲାରେ ୫୯୨୫୩ ପଞ୍ଜିକୃତ ଯୋଗ୍ୟ ଚାଷୀଙ୍କ ମଧ୍ୟରୁ ୫୮୦୦୫ କୃଷକ ଙ୍କ ଠାରୁ ଏହି ଧାନ ସଂଗୃହିତ ହୋଇଥିଲା।ସେହିପରି ଗତବର୍ଷ ରବି ଋତୁରେ ୨୫୩୨୧ ପଞ୍ଜିକୃତ ଯୋଗ୍ୟ କୃଷକ ଙ୍କ ମଧ୍ୟରୁ ୧୮୦୧୩ ଜଣ କୃଷକ ଙ୍କ ଠାରୁ ୭୨୫୪୪.୦୭୮ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା,ପୁରୀ ସାଂସଦ ଙ୍କ ପ୍ରତିନିଧି, ସତ୍ୟବାଦୀ,ବ୍ରହ୍ମଗିରି ଓ ପୁରୀ ବିଧାୟକ ଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।ପ୍ରାରମ୍ଭରେ ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକରେ ବିବିଧ ସୂଚନା ପ୍ରଦାନ କରିଥିଲେ।

# କୋଣାର୍କସ୍ଥିତ 'ଓସୱାଲି' ଠାରେ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର: ଓଡ଼ିଶାକୁ ଏକ ନିରାପଦ ଏବଂ ପ୍ରମୁଖ ସାହସିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳ ଭାବରେ ଗଢ଼ିତୋଳିବା ପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସର୍କାର ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କୌଶଳମୂଳକ ସହଭାଗିତା ସ୍ଥାପନ କରାଯାଇଛି ।

- ଜଳକ୍ରୀଡ଼ା କ୍ଷେତ୍ରରେ କ୍ଷମତା ବିକାଶ ପାଇଁ କୌଶଳମୂଳକ ସହଭାଗିତା
- ଓଡ଼ିଶାକୁ ସୁରକ୍ଷିତ ସାହସିକ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ଗଢ଼ିବାର ପଦକ୍ଷେପ

ଏହି ପରିପ୍ରେକ୍ଷ୍ୟରେ, ଓଡ଼ିଶାରେ ଦ୍ରୁତ ଗତିରେ ବିକାଶ ପାଉଥିବା ଜଳକ୍ରୀଡ଼ା ପରିବେଶରେ କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଗୋଆ ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ ଏବଂ ଓଡ଼ିଶା ଅଗ୍ନିଶମ ଓ ଆପତ୍କାଳୀନ ସେବା ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ପଦକ୍ଷେପର ଅଂଶସ୍ୱରୂପ, କୋଣାର୍କସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ ଠାରେ ଏକ ସମ୍ପୂର୍ଣ୍ଣ ଆବାସିକ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଯାହା ଏକ ଦକ୍ଷତା ବିକାଶ ପ୍ରକ୍ରିୟାର ପ୍ରାରମ୍ଭକୁ ସୂଚାଉଛି ।

ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଲଗାତାର ୧୧ଟି ବ୍ୟାଚ୍‌ରେ ପରିଚାଳିତ






ହେବ, ଯେଉଁଥିରେ ପ୍ରତି ବ୍ୟାଚ୍ ୧୨ ଦିନ ବ୍ୟାପି ରହିବ । ପ୍ରାୟ ଦେଢ଼ ମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ତାଲିମ ପ୍ରକ୍ରିୟା ଶେଷ ହେବ । ପୁଣି କିଛି ଦିନର ବ୍ୟବଧାନ ପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ସମୁଦାୟ ୧୭୬ ଜଣ ସରକାରୀ ଏବଂ ବେସରକାରୀ ଲାଇଫଗାର୍ଡଙ୍କୁ ତାଲିମ ପ୍ରଦାନ କରାଯିବ ।

ଏଥିରେ ଉଦ୍ଧାର କୌଶଳ, ସି.ପି.ଆର ଓ ପ୍ରାଥମିକ ଚିକିତ୍ସା, ଖୋଲା ଜଳରାଶିରେ କାର୍ଯ୍ୟ କରିବା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟକ ସୁରକ୍ଷା ନିୟମ ଏବଂ ୱାଟର ସ୍ପୋର୍ଟସ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି । ଓଡ଼ିଶାର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନ ପାଇଁ ଏକ ମଜବୁତ ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଲକ୍ଷ୍ୟରେ ଆସନ୍ତା ୨-୩ ବର୍ଷ ମଧ୍ୟରେ ପ୍ରାୟ ୨,୦୦୦ ଲାଇଫଗାର୍ଡଙ୍କୁ ତାଲିମ ଦେବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି।

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ ସହ ସହଭାଗିତା ହେତୁ ସମସ୍ତ ତାଲିମ ମୋଡ୍ୟୁଲ୍ ଜାତୀୟ ସ୍ତରର ମାନଦଣ୍ଡ ଏବଂ ପ୍ରମାଣପତ୍ର ନିୟମାବଳୀ ଅନୁଯାୟୀ ହେବା ନିଶ୍ଚିତ ହୋଇଛି । ବୈଜ୍ଞାନିକ ଯୋଜନା ଓ ନିୟୋଜନ ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଜଳାଶୟଗୁଡ଼ିକର ବ୍ୟାପକ ମାପଚୁପ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି । ଏହି ତଥ୍ୟକୁ ଆଧାର କରି, ଲାଇଫଗାର୍ଡ ପ୍ରଶିକ୍ଷଣ ପାଇଁ ଆଗ୍ରହୀ ଯୁବମାନଙ୍କର ଜିଲ୍ଲାଭିତ୍ତିକ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଚାଲୁଅଛି, ଯାହା ମାଧ୍ୟମରେ ସମୁଦ୍ରତଟ, ହ୍ରଦ, ଡ୍ୟାମ୍ ଓ ନଦୀତଟ ସହିତ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟବସ୍ଥିତ ଭାବରେ କ୍ଷମତା ବିକାଶ ଓ ନିୟୋଜନ ସୁନିଶ୍ଚିତ କରାଯିବ।

ଏହି ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ଲାଇଫଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗନ୍ତବ୍ୟଗୁଡ଼ିକରେ ନିୟୋଜିତ କରାଯିବ। ତାଲିମ କାର୍ଯ୍ୟକ୍ରମରେ ଗ୍ରହୀତ 'ନିରନ୍ତର ବ୍ୟାଚ୍ ପ୍ରଣାଳୀ ବା ମଡେଲ' ଦ୍ୱାରା କ୍ଷମତା ବିକାଶ ଗତିଶୀଳ ହେବା ସହିତ ଆସନ୍ତା ପର୍ଯ୍ୟଟନ ଋତୁ ପୂର୍ବରୁ ଓଡ଼ିଶାର ସମୁଦ୍ରତଟ ଓ ଜଳ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

ବିଭିନ୍ନ ଜଳାଶୟରେ ବଢୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ, ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ ସହଯୋଗରେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଏହି ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଉଚ୍ଚମାନର ତାଲିମ ଏବଂ ସଠିକ୍ ସ୍ଥାନରେ ଲାଇଫଗାର୍ଡଙ୍କ ନିୟୋଜନ ଦ୍ୱାରା ବିପଦ ହ୍ରାସ ପାଇବା ସହ ପର୍ଯ୍ୟଟକମାନେ ଏକ ନିରାପଦ ଅନୁଭୂତି ପାଇପାରିବେ ।



# ଶ୍ରୀଜଗନ୍ନାଥ ସଂସ୍କୃତି ଓ ପୁରୀର ଐତିହ୍ୟ ଏହି ବିଶ୍ୱବିଦ୍ୟାଳୟର ଆତ୍ମା



**ସା | କ୍ଷା | ତ୍ | କା | ର**

*ନୂତନଭାବେ ନିଯୁକ୍ତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର କରିଥିଲେ ସମ୍ପାଦକ ରାଜେଶ କୁମାର ମହାନ୍ତି*

**୧. ନୂତନ ଭାବେ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆପଣଙ୍କ ଅନୁଭୂତି ଓ ଦୃଷ୍ଟିକୋଣ କେମିତି ରହିଛି ?**

ଏହି ଗରିମାମୟ ଦାୟିତ୍ୱ ଗ୍ରହଣ କରିବାରେ ମୁଁ ଗୌରାବାନ୍ୱିତ ହେବା ସଂଗେସଂଗେ ଦାୟିତ୍ୱବୋଧ ଅନୁଭବ କରୁଛି। ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକ ପାରମ୍ପରିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର କେନ୍ଦ୍ର ଭାବେ ପରିଚିତ। ମୋର ଦୃଷ୍ଟିକୋଣ ହେଉଛି ଏହି ପାରମ୍ପରିକତାକୁ ଆଧୁନିକ ଚେତନା ସହିତ ସମନ୍ୱିତ କରିବା। ଗବେଷଣା, ଶିକ୍ଷା ଓ ସାମାଜିକ ସେବାରେ ସମନ୍ୱୟ ଆଣିବାକୁ ମୁଁ ସଂକଳ୍ପବଦ୍ଧ ଏବଂ ସମସ୍ତ ଶ୍ରେଣୀର ମାନବ ସମ୍ପଦକୁ ନେଇ ଆଗକୁ ବଢ଼ିବା ହେଉଛି ମୋର ମୁଖ୍ୟ ଲକ୍ଷ୍ୟ।

**୨. ଏହି ପଦବୀରେ ଯୋଗଦାନ ପରେ ଆପଣଙ୍କ ପ୍ରାଥମିକତା କ'ଣ ରହିବ ?**

ମୋର ପ୍ରଥମ ପ୍ରାଥମିକତା ହେଉଛି ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ପ୍ରଶାସନିକ ପ୍ରକ୍ରିୟାକୁ ସୁଦୃଢ଼ କରିବା। ପାଠ୍ୟକ୍ରମକୁ ଆଧୁନିକ ଆବଶ୍ୟକତା ଅନୁଯାୟୀ ସଂସ୍କାର କରାଯିବ। ଶିକ୍ଷକ ଓ ଛାତ୍ରମାନଙ୍କ ସହ ନିରନ୍ତର ଯୋଗାଯୋଗ ମାଧ୍ୟମରେ ସମସ୍ୟାଗୁଡ଼ିକୁ ଚିହ୍ନଟ କରାଯାଇ ଗବେଷଣାକୁ ଅଧିକ ପ୍ରାଧାନ୍ୟ ଦିଆଯିବ। ଏଥିସହିତ ଭିତ୍ତିଭୂମି ଓ ପାଠାଗାର ସୁବିଧାକୁ ମଧ୍ୟ ସୁଦୃଢ଼ କରାଯିବ।

**୩. ସଂସ୍କୃତ ଭାଷା ଓ ଶାସ୍ତ୍ରୀୟ ଶିକ୍ଷାର ପୁନରୁତ୍ଥାନ ପାଇଁ କେଉଁ ପଦକ୍ଷେପ ନିଆଯିବ ?**

ସଂସ୍କୃତ ଭାଷାର ପୁନରୁତ୍ଥାନ ପାଇଁ ଆମେ ଶାସ୍ତ୍ରୀୟ ଅଧ୍ୟୟନକୁ ଆଧୁନିକ ଦୃଷ୍ଟିକୋଣ ସହିତ ଯୋଡ଼ିବୁ। ନିକଟରେ ବିଶ୍ୱବିଦ୍ୟାଳୟରେ ଏକ 'ଗୁରୁକୁଳ'' ଉଦ୍ଘାଟିତ ହୋଇଛି। ବିଭିନ୍ନ ସର୍ଟିଫିକେଟ ଓ ଡିପ୍ଲୋମା କୋର୍ସ ଆରମ୍ଭ କରାଯିବା ସହ ପୁରାତନ ପାଣ୍ଡୁଲିପିଗୁଡ଼ିକର ସଂରକ୍ଷଣ ଓ ଡିଜିଟାଲାଇଜେସନ କରାଯିବ। ସଂସ୍କୃତକୁ ଦୈନନ୍ଦିନ ବ୍ୟବହାରର ଭାଷା ଭାବେ ଗଢ଼ିବା ପାଇଁ ସାଧାରଣରେ ଜାଗରୁକତା ସୃଷ୍ଟି କରାଯିବ।

**୪. ଆଧୁନିକ ଯୁଗରେ ସଂସ୍କୃତ ଶିକ୍ଷାକୁ ଅଧିକ ଗ୍ରହଣଯୋଗ୍ୟ କରିବା ପାଇଁ କି ଯୋଜନା ରହିଛି ?**

ଆଧୁନିକ ପିଢ଼ୀଙ୍କୁ ଆକର୍ଷିତ କରିବା ପାଇଁ ସଂସ୍କୃତ ଶିକ୍ଷାକୁ ବ୍ୟବହାରମୂଳକ ଓ ଆନ୍ତର୍ବିଷୟକ କରିବାକୁ ହେବ। ସଂସ୍କୃତକୁ ଟେକ୍ନୋଲୋଜି, ଆୟୁର୍ବେଦ, ଯୋଗ ଓ ଦର୍ଶନ ଶାସ୍ତ୍ର ସହିତ ଯୋଡ଼ାଯିବ। ଡିଜିଟାଲ ମାଧ୍ୟମରେ ପାଠ୍ୟଦାନକୁ ସହଜ କରିବା ପାଇଁ ନୂତନ ଇ-କଣ୍ଟେଣ୍ଟ ଓ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯିବ।

**୫. ଛାତ୍ରଛାତ୍ରୀଙ୍କ ବୃତ୍ତିମୂଳକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ କେଉଁ ପରିବର୍ତ୍ତନ ଆସିବ ?**

ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭର କରିବା ପାଇଁ ବୃତ୍ତିମୂଳକ କୋର୍ସ ଆରମ୍ଭ କରାଯିବ। ସଂସ୍କୃତ ସହିତ ଅନ୍ୟାନ୍ୟ ବିଷୟର ସମନ୍ୱୟରେ ନୂତନ ପାଠ୍ୟକ୍ରମ ପ୍ରସ୍ତୁତ ହେବ। ଗବେଷଣାରେ ପ୍ରୟୋଗମୂଳକ ଧାରା ଏବଂ ଇଣ୍ଟର୍ନଶିପ୍ ଉପରେ ଗୁରୁତ୍ୱ ଦିଆଯିବ, ଯାହାଦ୍ୱାରା ଛାତ୍ରମାନେ କୌଶଳମୂଳକ ଶିକ୍ଷା ପାଇବା ସହ ନିଯୁକ୍ତି ପାଇଁ ସକ୍ଷମ ହେବେ।

**୬. ଡିଜିଟାଲ ଶିକ୍ଷା ଓ ପ୍ରଯୁକ୍ତିକୁ ବିଶ୍ୱବିଦ୍ୟାଳୟରେ କିପରି ସାମିଲ କରାଯିବ ?**

ଏକ ସମୃଦ୍ଧ ଇ-ଲର୍ଣ୍ଣିଂ ପ୍ଲାଟଫର୍ମ ସୃଷ୍ଟି କରାଯାଇ ଅନଲାଇନ କ୍ଲାସ, ଭିଡିଓ ଲେକ୍ଚର ଓ ଡିଜିଟାଲ ଲାଇବ୍ରେରୀର ବିକାଶ କରାଯିବ। ଶିକ୍ଷକମାନଙ୍କୁ ପ୍ରଯୁକ୍ତିବିଦ୍ୟାର ସଠିକ ବ୍ୟବହାର ପାଇଁ ପ୍ରଶିକ୍ଷଣ ଦିଆଯିବ। ଏହା ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ସମୟୋପଯୋଗୀ ଓ ସୁଲଭ କରିବ।

**୭. ଶ୍ରୀଜଗନ୍ନାଥ ସଂସ୍କୃତି ଓ ପୁରୀର ଐତିହ୍ୟକୁ ଶିକ୍ଷା କ୍ଷେତ୍ରରେ କିପରି ବ୍ୟବହାର କରାଯିବ ?**

ଶ୍ରୀଜଗନ୍ନାଥ ସଂସ୍କୃତି ଓ ପୁରୀର ଐତିହ୍ୟ ଏହି ବିଶ୍ୱବିଦ୍ୟାଳୟର ଆତ୍ମା। ଏହାକୁ ପାଠ୍ୟକ୍ରମର ଅଂଶବିଶେଷ କରାଯିବ। ମନ୍ଦିର ପରମ୍ପରା ଉପରେ ବିଶେଷ ଗବେଷଣା ପ୍ରକଳ୍ପ ଓ ଅଧ୍ୟୟନ କେନ୍ଦ୍ର ସ୍ଥାପନ କରାଯିବ। ସ୍ଥାନୀୟ ପଣ୍ଡିତ ଓ ଶୋଧକର୍ତ୍ତାଙ୍କ ସହଯୋଗରେ ସେମିନାର ଓ କାର୍ଯ୍ୟଶାଳା ମାଧ୍ୟମରେ ଏହି ଐତିହ୍ୟକୁ ନୂତନ ପିଢ଼ୀ ନିକଟରେ ପହଞ୍ଚାଯିବ।

**୮. ଗବେଷକ ଓ ଶିକ୍ଷକମାନଙ୍କ ପାଇଁ କି ପ୍ରୋତ୍ସାହନ ବ୍ୟବସ୍ଥା ରହିଛି ?**

ଉତ୍କୃଷ୍ଟ ଗବେଷଣା ପାଇଁ ପୁରସ୍କାର ଓ ଗ୍ରାଣ୍ଟ ପ୍ରଦାନ କରାଯିବ। ଶିକ୍ଷକମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଓ ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେବା ପାଇଁ ସୁଯୋଗ ସୃଷ୍ଟି କରାଯିବ। ଏହା ଶିକ୍ଷା ଓ ଗବେଷଣାର ମାନକୁ ବିଶ୍ୱସ୍ତରୀୟ କରିବ।

**୯. ଅନ୍ତର୍ଜାତୀୟ ସହଯୋଗ (MoU) ପାଇଁ ଆପଣଙ୍କ ଯୋଜନା କ'ଣ ?**

ଦେଶ ଓ ବିଦେଶର ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ଚୁକ୍ତି ସ୍ୱାକ୍ଷର (MoU) କରାଯିବ। ଏହା ଦ୍ୱାରା ଛାତ୍ର ଓ ଶିକ୍ଷକ ବିନିମୟ କାର୍ଯ୍ୟକ୍ରମ ସହ ମିଳିତ ଗବେଷଣା ପ୍ରକଳ୍ପ ଆରମ୍ଭ ହେବ, ଯାହା ବିଶ୍ୱବିଦ୍ୟାଳୟକୁ ଏକ ଗ୍ଲୋବାଲ ପରିଚୟ ପ୍ରଦାନ କରିବ।

**୧୦. ଯୁବପିଢ଼ୀଙ୍କ ପାଇଁ ଆପଣଙ୍କ ବାର୍ତ୍ତା କ'ଣ ?**

ସଂସ୍କୃତ ଭାଷା ଓ ଭାରତୀୟ ସଂସ୍କୃତି ଆମ ପରିଚୟର ମୂଳ ଭିତ୍ତି। ଆମ ପାରମ୍ପରିକ ଜ୍ଞାନରେ ଅସୀମ ସମ୍ଭାବନା ରହିଛି। ଯୁବପିଢ଼ୀ ଆଧୁନିକତା ସହିତ ପରମ୍ପରାକୁ ସମନ୍ୱୟ କରି ଆଗକୁ ବଢ଼ନ୍ତୁ, ଏହା ହିଁ ମୋର ଆହ୍ୱାନ।




## ଓଡ଼ିଶାର ବିକାଶ ଯାତ୍ରାରେ ନୂଆ ମାଇଲଖୁଣ୍ଟ

# ୧୭ଶହ କୋଟି ଟଙ୍କାର ୮୨୭ଟି ସଡ଼କ ପ୍ରକଳ୍ପର ଶୁଭାରମ୍ଭ

ରାୟଗଡ଼ା: ରାୟଗଡ଼ାର ପବିତ୍ର ମାଟିରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା- ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ ସମାରୋହ ଅନୁଷ୍ଠିତ ହୋଇଛି । ଏହା ଓଡ଼ିଶାର ଗ୍ରାମୀଣ ବିକାଶ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହ ମିଶି ସଡ଼କ, ଗୃହ ନିର୍ମାଣ, ଜଳସେଚନ, ନିଯୁକ୍ତି, ପାନୀୟ ଜଳ, ମହିଳା ସଶକ୍ତିକରଣ ଏବଂ କୃଷକ ସମୃଦ୍ଧି ସହିତ ଜଡିତ ବହୁମୁଖୀ ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ ମଞ୍ଚ ଉପରେ ହିଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା - ଚତୁର୍ଥ ପର୍ଯ୍ୟାୟର ଅନୁମୋଦନପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ଏବଂ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।

ରାୟଗଡ଼ାର ବାରିଜୋଲାରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଓଡ଼ିଶା, ବିଶେଷକରି ରାୟଗଡ଼ାର ସାଂସ୍କୃତିକ ମହିମା, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପରିଶ୍ରମୀ ଲୋକଙ୍କର ପ୍ରଶଂସା କରିଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ, ଡବଲ-ଇଞ୍ଜିନ୍ ସରକାର ରାଜ୍ୟର ସର୍ବାଙ୍ଗୀଣ ବିକାଶ ପାଇଁ ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରୁଛି। ଏଠାକୁ ସେ ଖାଲି ହାତରେ ଆସି ନାହାଁନ୍ତି ବରଂ ଓଡ଼ିଶାର ବିକାଶ ପାଇଁ ଉପହାର ଆଣିଛନ୍ତି, ଯାହା ସିଧାସଳଖ ଗାଁ, ଗରିବ, ଚାଷୀ, ଶ୍ରମିକ, ମହିଳା ଏବଂ ଯୁବକମାନଙ୍କୁ ଲାଭ ଦେବ। ସେ ଆହୁରି କହିଥିଲେ, ସଡ଼କ କେବଳ ପରିବହନର ଏକ ମାଧ୍ୟମ ନୁହେଁ ବରଂ ଜୀବନ, ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ପ୍ରଗତି ପାଇଁ ଜୀବନରେଖା। ଏହି ଦୃଷ୍ଟିକୋଣ ସହିତ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଚତୁର୍ଥ ପର୍ଯ୍ୟାୟର ପ୍ରଥମ କିସ୍ତିରେ ୧,୬୯୮.୦୪ କୋଟି ଟଙ୍କା ବ୍ୟୟରେ ୧୭୦୧.୮୪ କିଲୋମିଟର ବ୍ୟାପୀ ୮୨୭ଟି ନୂତନ ରାସ୍ତା ଓଡିଶାକୁ ଯୋଗାଇ ଦିଆଯାଇଛି। ଏହା ସହିତ, ପୂର୍ବରୁ ଅନୁମୋଦିତ କିନ୍ତୁ ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସମାପ୍ତ କରିବା ପାଇଁ ଅତିରିକ୍ତ ପାଣ୍ଠି ଯୋଗାଇ ଦିଆଯାଉଛି। ଏହା ଦ୍ୱାରା କୌଣସି ଦୁର୍ଗମ ଅଞ୍ଚଳ ବିକାଶର ମୁଖ୍ୟଧାରାରୁ ବଞ୍ଚିତ ହେବ ନାହିଁ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ ମଞ୍ଚ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପ୍ରକଳ୍ପର ଅନୁମୋଦନ ପତ୍ର ପ୍ରଦାନ କରିଥିଲେ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଥିଲେ, ଏପରି ଉପହାର କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ସ୍ନେହ ଏବଂ ପ୍ରତିବଦ୍ଧତାର ପ୍ରମାଣ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା କଳ୍ପନା କରାଯାଇଥିଲା ଏବଂ ଆଜି ସେହି ଦୃଷ୍ଟିକୋଣକୁ ଆଗକୁ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଗ୍ରାମୀଣ ଭାରତର ସ୍ଥିତି ଏବଂ ଦିଗ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ସେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା -୪କୁ ବିଶେଷକରି ଅପହଞ୍ଚ, ପାହାଡିଆ, ଦୁର୍ଗମ ଏବଂ ଏପର୍ଯ୍ୟନ୍ତ ସଂଯୋଗ ହୋଇନଥିବା ଅଞ୍ଚଳଗୁଡ଼ିକୁ ଯୋଗାଯୋଗ ପାଇଁ ଏକ ପରିବର୍ତ୍ତନକାରୀ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, "ସମୃଦ୍ଧ ଓଡ଼ିଶା, ଏକ ବିକଶିତ ଓଡ଼ିଶା'' ସଂକଳ୍ପ ନେଇ ରାଜ୍ୟ ସରକାର ସଡ଼କ, ସେତୁ, ପାନୀୟ ଜଳ, ବିଦ୍ୟୁତ୍, ଗ୍ରାମୀଣ ଭିତ୍ତିଭୂମି, କୃଷକଙ୍କ ଆୟ, ମହିଳା ସଶକ୍ତିକରଣ ଏବଂ ଯୁବ ନିଯୁକ୍ତି ଉପରେ ମିଶନ ମୋଡ୍‌ରେ କାର୍ଯ୍ୟ କରୁଛନ୍ତି। ସେ ଏହା ମଧ୍ୟ ଗୁରୁତ୍ୱାରୋପ କରି କହିଥିଲେ, ରାୟଗଡ଼ା ସମେତ ରାଜ୍ୟର ଅନେକ ଜିଲ୍ଲାରେ ରାସ୍ତା ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଗ୍ରାମୀଣ ଜୀବନକୁ ଏକ ନୂତନ ଦିଗଦର୍ଶନ ଦେବ ।

ଏହି କାର୍ଯ୍ୟକ୍ରମ ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ହିତାଧିକାରୀମାନଙ୍କୁ ସମ୍ମାନିତ କରିଥିଲେ ଏବଂ ସହାୟତା ବଣ୍ଟନ କରିଥିଲେ। ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ମଧ୍ୟ କାର୍ଯ୍ୟକ୍ରମରେ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବହୁ ସଂଖ୍ୟକ ମହିଳା ସମେତ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।




- **ଗୃହ ନିର୍ମାଣ, ମନରେଗା ଏବଂ ଜଳସେଚନକୁ ପ୍ରମୁଖ ପ୍ରୋତ୍ସାହନ: ଶ୍ରୀ ଶିବରାଜ ସିଂହ**
- **ଦୁର୍ଗମ, ପାହାଡିଆ ଏବଂ ବଞ୍ଚିତ ଅଞ୍ଚଳରେ ବିକାଶର ସିଧାସଳଖ ସୁବିଧା ପ୍ରଦାନ କରିବ: ମୁଖ୍ୟମନ୍ତ୍ରୀ**



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପୁରୀ ଲୋକସଭା ନିର୍ବାଚନ କ୍ଷେତ୍ର ଅନ୍ତର୍ଗତ ସତ୍ୟବାଦୀ ବିଧାନସଭା ନିର୍ବାଚନ କ୍ଷେତ୍ରର ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଆୟୋଜିତ 'ଅକ୍ଷୀମୁଠି ଅନୁକୂଳ' କାର୍ଯ୍ୟକ୍ରମରେ ସାଂସଦ ଡା. ସମ୍ବିତ ପାତ୍ର



ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଂସଦ ସାଧନା ସହଯୋଗରେ ଆୟୋଜିତ ' ମନ୍ତେଇ ମହୋତ୍ସବ ୨୦୨୬' ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଆଇନି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ଅବସରରେ 'ଅତଏବ ଅ' ,'ମନ୍ତେଇ' , 'ରେଣୁ ଏବଂ ସମୟ', 'ଅନାତ୍ମୀୟ ଆତ୍ମୀୟ', 'ମହାପ୍ରଭୁଙ୍କ ମହାପ୍ରସାଦ', 'ପେଟ ଓ ପେଟତଳ' ଏବଂ 'ପକ୍ଷୀଟିଏ ନିଇତି ଗୀତ ଗାଏ' ଭଳି ୧୫ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା ।

## ଦେବଗଡ଼ରେ ୧୨୪ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

# ମାତୃଶକ୍ତିର ସମର୍ଥନ ସତ୍ତ୍ୱେ ବିକାଶ ପଥରେ ବାଧା ସୃଷ୍ଟି କରୁଛନ୍ତି ବିରୋଧୀ: ଧର୍ମେନ୍ଦ୍ର ପ୍ରଧାନ



ଦେବଗଡ଼: 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ସମଗ୍ର ଭାରତବର୍ଷର ମାତୃଶକ୍ତିମାନେ ସମର୍ଥନ ଦେଉଥିବା ବେଳେ ବିରୋଧୀମାନେ ମହିଳାମାନଙ୍କ ପାଇଁ ଆସନ ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି । ବିରୋଧୀମାନଙ୍କର ଏଭଳି ମନୋଭାବ ନାରୀ ଶକ୍ତିର ବିକାଶ ପଥରେ ବାଧା ସୃଷ୍ଟି କରୁଛି ବୋଲି ଆଜି ଦେବଗଡ଼ରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଏହି ଜିଲ୍ଲା ଗସ୍ତ କରି ପ୍ରାୟ ୨୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୨୪ଟି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହା ସହିତ ସେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ହସ୍ତାନ୍ତରଣ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ଐତିହାସିକ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମହିଳା ସଂରକ୍ଷଣ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହାଦ୍ୱାରା ଲୋକସଭା ଓ ବିଧାନସଭାରେ ମାଆମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ପାଇବ, ଯାହା ଓଡ଼ିଶାରେ ଅଧିକରୁ ଅଧିକ ମହିଳା ଜନପ୍ରତିନିଧି ସୃଷ୍ଟି କରିବା ସହ ସେମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସଶକ୍ତ କରିବ । ଏହି ଯୋଜନାକୁ ଲାଗୁ କରିବା ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ଥିବା ଉତ୍ସାହ ପ୍ରଶଂସନୀୟ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଅନେକ ବିରୋଧୀ ଓ ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ବାବୁ ମହିଳାମାନଙ୍କ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ହେଉ ବୋଲି ଚାହୁଁନାହାନ୍ତି। ମୋଦୀ ଜୀ ମହିଳାଙ୍କ ସିଟ୍ ବଢ଼ାଇବାକୁ ପଣ କରିଥିବା ବେଳେ ଏଥିରେ ଦେବଗଡ଼ବାସୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି ବୋଲି ସେ କହିଛନ୍ତି।

ପ୍ରକଳ୍ପ ବିଷୟରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଆଜି ୧୩୦.୭୯ କୋଟି ଟଙ୍କା ମୂଲ୍ୟର ୬୩ଟି ପ୍ରକଳ୍ପ ଲୋକାର୍ପଣ ହୋଇଥିବା ବେଳେ ୧୪୭.୭୦ କୋଟି ଟଙ୍କା ମୂଲ୍ୟର ୬୧ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ପ୍ରାୟ ୩୧.୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ଼ର ସ୍ଥାୟୀ ଭବନ ଆଜି ଜିଲ୍ଲାବାସୀଙ୍କୁ ସମର୍ପିତ କରାଯାଇଛି । ଜାନୁଆରୀ ୧୩, ୨୦୨୪ରେ ଏହାର ଭୂମିପୂଜନ ହୋଇଥିବା ବେଳେ ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ଭବ୍ୟ ଭବନ ସ୍ଥାପିତ ହେବା ଏକ ବଡ ଉପଲବ୍ଧି । ୯.୨୨ ଏକର ପରିମିତ ଜମିରେ ନିର୍ମିତ ଏହି ବିଦ୍ୟାଳୟରେ ୪୫ଟି କୋଠରୀ ରହିଛି, ଯେଉଁଥିରେ ୨୪ଟି ସ୍ମାର୍ଟ କ୍ଲାସରୁମ୍, ୩ଟି ଅତ୍ୟାଧୁନିକ ବିଜ୍ଞାନାଗାର ଏବଂ ୨ଟି କମ୍ପ୍ୟୁଟର ଲ୍ୟାବ୍ ରହିଛି । ଏହି ବିଦ୍ୟାଳୟ ଦ୍ୱାରା ପ୍ରାୟ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚକୋଟୀର ଗୁଣାତ୍ମକ ଶିକ୍ଷା ପାଇପାରିବେ । ଚଳିତ ଶିକ୍ଷା ବର୍ଷରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ 'ଡବଲ ସେକ୍ସନ' ଆରମ୍ଭ ହେବାକୁ ଯାଉଛି ଏବଂ ଆଗାମୀ ଦିନରେ ଏହା ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାର ଯୋଜନା ରହିଛି । ଏଥିସହ ଦେବଗଡ଼ ମହାବିଦ୍ୟାଳୟ ପରିସରରେ 'ସମ୍ମିଶ୍ରିତ ସହରାଞ୍ଚଳ ଛାତ୍ରାବାସ'ର ଉଦଘାଟନ ହୋଇଛି । ଏହାଦ୍ୱାରା ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରମାନେ ବିଶେଷ ଭାବରେ ଉପକୃତ ହେବେ । ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ଦେବଗଡ଼ର ସାମାଜିକ ଓ ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି ।

ଆମ ସମସ୍ତଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି, ଭାରତ ସରକାରଙ୍କ 'ସହକାରରୁ ସମୃଦ୍ଧି' ଯୋଜନା ମାଧ୍ୟମରେ ଦେବଗଡ଼କୁ ଏକ ଅର୍ଥନୈତିକ ସମୃଦ୍ଧଶାଳୀ ଅଞ୍ଚଳ ଭାବେ ଗଢ଼ିତୋଳିବା ଏବଂ ଏଠାରେ ବସବାସ କରୁଥିବା ପ୍ରାୟ ଏକ ଲକ୍ଷ ପରିବାରର ଜୀବନଧାରଣର ମାନ ବୃଦ୍ଧି କରିବା । ଏହି ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ କୃଷି, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟ ଚାଷ ଓ ଜଙ୍ଗଲଜାତ ଦ୍ରବ୍ୟର ସଦୁପଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହା ସହିତ ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ କ୍ଷେତ୍ରଗୁଡ଼ିକୁ ସର୍ବାଧିକ ପ୍ରାଥମିକତା ପ୍ରଦାନ କରାଯାଉଛି । ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା ଏବଂ ସେମାନଙ୍କ ବହୁମୂଲ୍ୟ ପରାମର୍ଶକୁ ଭିତ୍ତି କରି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଲୋକଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର । ଦେବଗଡ଼ ଜିଲ୍ଲାର ପ୍ରଗତି ଓ ନାଗରିକମାନଙ୍କ କଲ୍ୟାଣ ପାଇଁ ସାମୂହିକ ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ, ଗ୍ରାମୀଣ ଉନ୍ନୟନ ଏବଂ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଏବଂ ସ୍ଥାନୀୟ ଦେବଗଡ଼ ବିଧାୟକ ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଗକୁ ପ୍ରବଳ ଖରା, ସତର୍କ କଲା କେନ୍ଦ୍ର

ଭୁବନେଶ୍ୱର: ଚଳିତ ବର୍ଷ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅଧିକ ଦିନ ଗ୍ରୀଷ୍ମଲହରି ଅନୁଭୂତ ହେବ। ଏଥିପାଇଁ ଆଗୁଆ ସତର୍କ ରହିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ଚିଠି ଲେଖାଯାଇଛି। ଉତ୍ସର୍ଗୀକୃତ ଅଂଶୁଘାତ ପରିଚାଳନା ୟୁନିଟ୍ କାର୍ଯ୍ୟକ୍ଷମ କରିବାଲାଗି ରାଜ୍ୟମାନଙ୍କୁ କୁହାଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସଦ୍ୟ ଜାରି କରାଯାଇଥିବା ସୂଚନାକୁ ଆଧାର କରି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲିଳା ଶ୍ରୀବାସ୍ତବ ଏହି ଚିଠି ଲେଖିଛନ୍ତି। ଆଇଏମ୍‌ଡିର ପୂର୍ବାନୁମାନ ଅନୁଯାୟୀ ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ ପୂର୍ବ ଭାରତ, କେନ୍ଦ୍ରୀୟ ଭାରତ, ଉତ୍ତର ପଶ୍ଚିମ ଭାରତ ସମେତ ଦକ୍ଷିଣ-ପୂର୍ବ ଭାରତରେ ସ୍ୱାଭାବିକଠାରୁ ଅଧିକ ଗ୍ରୀଷ୍ମଲହରି ଦିବସ ରହିବ। ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ, ପୁଡୁଚେରୀ ଏବଂ ଆନ୍ଧ୍ରପ୍ରଦେଶର ଉପକୂଳ ଅଞ୍ଚଳ ଏହାଦ୍ୱାରା ବହୁମାତ୍ରାରେ ପ୍ରଭାବିତ ହେବ। ସେହିପରି ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଗୁଜରାଟର କେତେକ ଅଞ୍ଚଳରେ ଗ୍ରୀଷ୍ମଲହରି ଦେଖିବାକୁ ମିଳିବ। ତାପମାତ୍ରା ଜନିତ ଅସୁସ୍ଥତାକୁ କମାଇବା, ଏଡ଼ାଇ ଦିଆଯାଇ ପାରୁଥିବା ମୃତ୍ୟୁକୁ ରୋକିବାଲାଗି ସକ୍ରିୟ ଯୋଜନା ଏବଂ ସମନ୍ୱିତ ପଦକ୍ଷେପ ନେବାଲାଗି ସ୍ୱାସ୍ଥ୍ୟ ସଚିବ ଚିଠିରେ ଗୁରୁତ୍ୱାରୋପ କରିଛନ୍ତି।

# ବିସ୍ମୃତିର ଗଭୀର ଗହ୍ୱରରେ ଗଜପତି କୃଷ୍ଣଚନ୍ଦ୍ର

ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୫ତମ ଜୟନ୍ତୀ ଅବସରରେ ତାଙ୍କର ଅମୃତ ଅମ୍ଳାନ ସ୍ମୃତି ପ୍ରତି କୋଟି ପ୍ରଣାମ । ପୂର୍ବ ସରକାର ଭୁଲି ଯାଇଥିଲେ ତାଙ୍କର ସ୍ମୃତି.ରଣ ଓ ସ୍ମୃତି ରକ୍ଷା କରିବାରେ, ସୌଭାଗ୍ୟର କଥା ଚଳିତ ସରକାର ଗତ ବର୍ଷଠାରୁ ରାଜ୍ୟ ସ୍ତରରେ ପୂଣ୍ୟଶ୍ଳୋକ କୃଷ୍ଣଚନ୍ଦ୍ର ଗଜପତିଙ୍କ



ରାଜ କିଶୋର ପାଣିଗ୍ରାହୀ

ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କରୁଥିବାରୁ ଧନ୍ୟବାଦ ଓ ଅଭିନନ୍ଦନର ପାତ୍ର । ଏଠାରେ ପ୍ରସଙ୍ଗକ୍ରମେ ଉଲ୍ଲେଖ ଯୋଗ୍ୟ ଯେ, ୧୯୨୮ ମସିହାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ୧୯୩୪ରେ ଉତ୍କଳ ଗୌରବ ମଧୁସୂଦନ ଅଧାରାସ୍ତାରେ ଜନାଦୃତ ଜନନେତା ପୂଣ୍ୟଶ୍ଳୋକ ମହାରାଜା ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ଛାଡ଼ି ଇହଧାମ ତ୍ୟାଗ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅଭିଳାଷ, ଏହି ଦୁଇ ମହାପୁରୁଷଙ୍କ ଜୀବନରେ ଏକ ଅବଶୋଷ ହୋଇ ରହିଗଲା । କିନ୍ତୁ ମହାରାଜା ଏବଂ ତାଙ୍କର ମୃଷ୍ଟିମେୟ ମାଟି ମନସ୍କ, ସ୍ୱାଧୀନଚେତା, ସହଯୋଗୀମାନେ ସେଇଠି ଅଟକି ନ ଯାଇ ସେହି ଦୁଇ ମହାପୁରୁଷଙ୍କ ରାସ୍ତାରେ ଅବିଶ୍ରାନ୍ତ ଯାତ୍ରା କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚି, ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଣ୍ଡି ମାରି, ପାରଳା ମହାରାଜା ଭାରତବର୍ଷରେ ପ୍ରଥମ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ଓଡ଼ିଶାକୁ ଦେଇଥିଲେ । ୧୩୫ତମ ଜୟନ୍ତୀ ଏବଂ ୯୧ତମ ଉତ୍କଳ ଦିବସର ଅନୁଚିନ୍ତା ଏବଂ କ୍ଷୋଭର କଥା ହେଲା ଯେଉଁ ପ୍ରଦେଶ ଏକ ସ୍ୱତନ୍ତ୍ର ଭାଷାକୁ ନେଇ ଗଢ଼ି ଉଠିଲା, ସେଠି ଆଜି ତା'ର ନିଜସ୍ୱ ଭାଷା ବିପର୍ଯ୍ୟସ୍ତ । ଏହି ସ୍ୱତନ୍ତ୍ରତା ଆଣିବାରେ ଯିଏ ପ୍ରକୃତ କର୍ଣ୍ଣଧାର ଥିଲେ ତାଙ୍କୁ ଓଡ଼ିଶାବାସୀ ପ୍ରକୃତ ସମ୍ମାନ ଏ ଯାଏଁ ଦେଇପାରିଛନ୍ତି ବୋଲି ଗଜପତି ଜିଲ୍ଲା ତଥା ପାରଳାବାସୀ ଅନୁଭବ କରିପାରୁନାହାନ୍ତି ବୋଲି ଆମର ଦୃଢ଼ ମତ ।

ଓଡ଼ିଶାର ସ୍ୱତନ୍ତ୍ରତା ଓ ପରବର୍ତ୍ତୀ ସମୟରେ ସ୍ୱାଧୀନତାରେ ଉପାନ୍ତ ଅଞ୍ଚଳର ସହଭାଗିତା ଉପକୂଳ ଅଞ୍ଚଳ ଅପେକ୍ଷା କାହିଁ କେତେ ମାତ୍ରାରେ ଅଧିକ ଥିବାର ଐତିହାସିକ ପ୍ରମାଣ ଉପଲବ୍ଧ । କିନ୍ତୁ ରାଜନୈତିକ ପଶାପାଲିର ଗୋଟି .ଳନା ଏବଂ ଥକି ପଡ଼ିଥିବା ଉପାନ୍ତ ଅଞ୍ଚଳବାସୀଙ୍କ ନିଷ୍କ୍ରିୟତା ଲାଗି ଏହି ଅଞ୍ଚଳ ସବୁ ଆଜି ଅବହେଳିତ ହୋଇଆସିଛି । ଶୁଦ୍ଧ ଓଡ଼ିଆ ଭାଷା ଏବଂ ଓଡ଼ିଆ ଭାଷାପ୍ରାଣ ଧିରେ ଧିରେ ଏହି ସବୁ ଅଞ୍ଚଳରୁ ହଜିବାକୁ ବସିଲାଣି । ଓଡ଼ିଆ ଭାଷାକୁ ସରକାରୀ କାର୍ଯ୍ୟ କ୍ଷେତ୍ରରେ ବ୍ୟବହାର ଲାଗି ଥିବା ନିର୍ଦ୍ଦେଶଟି ନାଲିଫିତା ବନ୍ଧା ଫାଇଲ୍ ଭିତରେ ରହି ତାରି ଉପରେ ଧୂଳିର ଏକ ମୋଟା ଆସ୍ତରଣ ଜମିଯାଇଛି । ଉପାନ୍ତ ଅଞ୍ଚଳ ମହାରାଜାଙ୍କ ଜନ୍ମଭୂମି ଯଦିବା ଥିଲା କିନ୍ତୁ ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବାର ଦୁର୍ବାର ନିଶା ତାଙ୍କୁ ସମଗ୍ର ଓଡ଼ିଶାରେ କର୍ମ କରିବାର ସୁଯୋଗ ଦେଇଥିଲା । ୧୯୩୬ ମସିହା, ମାର୍ଚ୍ଚ ୩ ତାରିଖରେ ପ୍ରାଚୀନ ଉତ୍କଳର ଏକ ଖଣ୍ଡିତ ଭୂ-ଭାଗକୁ ରେଖାଙ୍କିତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଶୀର୍ଷକ ଆଧାରିତ ରାଜପତ୍ର ବ୍ରିଟିଶ୍ ସଂସଦରୁ ପ୍ରକାଶ ପାଇଥିଲା । ୧୯୩୭ ମସିହା ଜାନୁଆରୀ ୨୩ରେ ନିର୍ବାଚନ ଏବଂ ଅପ୍ରେଲ ୧ ତାରିଖରେ ପାରଳା ଗଜପତିଙ୍କ ପ୍ରଧାନମନ୍ତ୍ରିତ୍ୱରେ ଗଠନ ହୋଇଥିଲା ପ୍ରଥମ ସରକାର । ୨୬ ଜୁଲାଇ ୧୯୩୭ରେ ପ୍ରଥମ ବିଧାନସଭା ଅଧିବେଶନରେ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରଥମ ଅଭିଭାଷଣ ଉପରେ ଆଲୋକପାତ କଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବାସ୍ତବ ଇତିହାସ ଜଣାପଡ଼େ । ବିସ୍ମୃତିର ଗଭୀର ଗହ୍ୱରକୁ ଅତି ନିର୍ଦ୍ଦୟ ଭାବେ ତଥା ଅପସଂସ୍କୃତି ଆଧାରରେ ନିକ୍ଷେପ କରାଯିବା ଫଳରେ ଗଜପତିଙ୍କ ବ୍ୟକ୍ତିତ୍ୱ, ତ୍ୟାଗ, କୃତି ଓ କୀର୍ତ୍ତିମାନ ପରବର୍ତ୍ତୀ ପିଢ଼ି ଅବଗତ ହୋଇପାରିଲେ ନାହିଁ । ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ, ପ୍ରଜାମଙ୍ଗଳ, ପ୍ରଜା ବତ୍ସଳ ଏବଂ ପ୍ରଜାହିଁ ଏ ମାଟିର ହର୍ତ୍ତାକର୍ତ୍ତା ଦଇବ ବିଧାତା, ଯାହା ସେ ତିଳେ ତିଳେ ହୃଦୟଙ୍ଗମ କରିଥିଲେ ।

ବାସ୍ତବ କଥା ହେଲା ଯେଉଁ ଦୁଇ ମହାପୁରୁଷ, ଉତ୍କଳ ଗୌରବ ଓ ଉତ୍କଳ ମଣି ଆଜି ବି ଏ ରାଇଜରେ ଅଗ୍ରପୂଜ୍ୟ ସେହି ଦୁଇ



(ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ)

ମହାପୁରୁଷଙ୍କ ପ୍ରାରମ୍ଭ ସ୍ୱପ୍ନ ଶତ ଚେଷ୍ଟାପରେ ବି ମହାରାଜାଙ୍କ ଯୋଗଦାନ ପୂର୍ବରୁ ଲକ୍ଷପ୍ରାପ୍ତ କରିବାର କୌଣସି ସମ୍ଭାବନା ନ ଥିଲା । ସେତେବେଳେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅସ୍ତମିତ ହୋଇ ଆସୁଥିବା ପ୍ରଦୀପକୁ ନିଜର ସମ୍ପୂର୍ଣ୍ଣ ତ୍ୟାଗ ରୂପକ ତେଲରେ ତେଜି ଦେଇଥିଲେ । କେବଳ ତେଜି ନଥିଲେ, ଅଧିକନ୍ତୁ ଅନ୍ଧକାରର କରାଳ ଛାୟା ଭିତରେ ଥିବା ଓଡ଼ିଶା ରାଜ୍ୟର ସମଗ୍ର ରାଜପଥକୁ ଆଲୋକିତ କରି ଦେଇଥିଲେ । ଏହା ନିର୍ବିବାଦୀୟ ସତ୍ୟ ଯେ, ମହାରାଜାଙ୍କ ତ୍ୟାଗ ଏବଂ ସ୍ୱକୀୟ ଅଲୌକିକ ଶକ୍ତି ଆଧାରରେ ଏ ରାଜ୍ୟ ସ୍ୱତନ୍ତ୍ରତା ପାଇଛି । ନଚେତ୍ ଆଜିର ଓଡ଼ିଶାର ଦକ୍ଷିଣ ଭାଗ ଭାରତବର୍ଷର ଦାକ୍ଷିଣାତ୍ୟରେ, ପୂର୍ବଭାଗ ପଶ୍ଚିମବଙ୍ଗରେ ଏବଂ ପଶ୍ଚିମଭାଗ ମଧ୍ୟପ୍ରଦେଶ, ବିହାର ଆଉ ଆଜିର ଝାଡ଼ଖଣ୍ଡ ଭିତରେ ବିଲୀନ ହୋଇଯାଇଥାନ୍ତା । ହୁଏତ ଆଜିର ପିଢ଼ି ମାଗଣାରେ ପାଇଯାଇଥିବା ଏଇ ସ୍ୱାଧୀନତାକୁ ବୁଝିବା କଷ୍ଟ ହେଇପାରେ । ରାଜନୈତିକ ଅଳିନ୍ଦ ଭିତରେ ଶାସନର କ୍ଷମତା ପ୍ରଲୋଭନରେ ମସଗୁଲ୍ ରହି ଆଗାମୀ ପିଢ଼ିଙ୍କ ନିକଟରେ ପ୍ରାପ୍ତ ସ୍ୱତନ୍ତ୍ରତା କେଉଁ ମୂଲ୍ୟ ଦେଇ ଏ ରାଜ୍ୟ ପାଇଛି ତାହା ପହଞ୍ଚାଇବାରେ ବିଫଳ ରହିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ତେବେ ଯେଉଁ ସ୍ୱତନ୍ତ୍ରତା ପ୍ରାପ୍ତ କରେଇବାରେ ଜଣେ ପ୍ରଜାନୁରଞ୍ଜକ, ମାଟି ମନସ୍କ, ରାଜକୀୟ ଠାଣି, ମାଣି ପରିତ୍ୟାଗ କରି କେବଳ ଏକମାତ୍ର ଲକ୍ଷ୍ୟ ଥିଲା, ଯାହା ଉତ୍କଳ ଗୌରବ ଓ ଉତ୍କଳ ମଣି ଦେଖିଥିଲେ ତାକୁ ସାକାର କରାଇବା ଏବଂ ତାଙ୍କ ନେତୃତ୍ୱ ପାଇଥିଲା ସଫଳ । ସେ ହେଲେ ସ୍ୱତନ୍ତ୍ର ପ୍ରଦେଶର "ପ୍ରଥମ ପ୍ରଧାନମନ୍ତ୍ରୀ' । ଅହରହ ସଂଘର୍ଷ କରି ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ସମୟରେ ଯେଉଁ କୀର୍ତ୍ତି ଓ କୃତିର ସୁଦୀର୍ଘ ତାଲିକା ପ୍ରଲମ୍ବିତ, ତାହା ଅନାଲୋଚିତ । ପ୍ରମୁଖ କୀର୍ତ୍ତି ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କଟକଠାରେ ଭେଷଜ ମହାବିଦ୍ୟାଳୟ ସ୍ଥାପନା, ଧାନ ଗବେଷଣା କେନ୍ଦ୍ର, ବିଦ୍ୟାଧରପୁର, କଟକ, ୧୯୧୩ ମସିହାରେ ଉତ୍କଳ ସାହିତ୍ୟ ସମାଜକୁ ୫୦୦/- ଟଙ୍କା ଦାନ, ୧୯୧୩ ମସିହାରେ ସତ୍ୟବାଦୀ ବିଦ୍ୟାଳୟକୁ ୫୦୦/- ଟଙ୍କା ଦାନ, ୫୬ କିମି ବ୍ୟାପୀ ରେଳ ଚଳାଚଳ ଲାଗି ରେଳମାର୍ଗ (ନିଜସ୍ୱ ଖର୍ଚ୍ଚରେ), ୧୮୯୬ ମସିହାରେ ସ୍ଥାପିତ ହୋଇଥିବା ଶିକ୍ଷା ସୌଧ (ଗଲ୍ଟକ୍ସକ୍ସସକ୍ସକ୍ଟଭ ଈଙ୍ଗସକ୍ଷୟସଭଶ)କୁ ୧୯୩୬ ମସିହାରେ ମହାବିଦ୍ୟାଳୟରେ ରୂପାନ୍ତରିତ କରିଥିଲେ, ଯାହା ଓଡ଼ିଶାର ଦ୍ୱିତୀୟ ମହାବିଦ୍ୟାଳୟ ଭାବେ ସମଗ୍ର ଓଡ଼ିଶାର ବିଦ୍ୟାର୍ଥୀଙ୍କ ସମ୍ମୁନ୍ନତ ଜୀବନ ନିର୍ବାହରେ ହୋଇଥିଲା ସହାୟକ । ଆହୁରି ଅନେକ ଅବଦାନର ଲମ୍ବା ତାଲିକା ରହିଛି ଯାହା ଏଠି ଦେବା ସମ୍ଭବ ନୁହଁ । କିନ୍ତୁ ଏହା ଭିତରେ ୧୩୦ ବର୍ଷ ବିତିଯାଇଥିବା ଗୋଟାଏ ମହାବିଦ୍ୟାଳୟକୁ ମାତ୍ର ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଗି ପାରଳାବାସୀ ଏବଂ ପାରଳାରେ ଗଢ଼ି ଉଠିଥିବା ଅନେକ ଆଞ୍ଚଳିକ ଅନୁଷ୍ଠାନମାନଙ୍କର ଦାବି ଏ ଯାବତ୍ ଅନାଲୋଚିତ, ଅପୂରଣୀୟ ଏବଂ ଅପାଂକ୍ତେୟ । ଅପରପକ୍ଷେ ୫୦ ବର୍ଷ ବି ପୂର୍ତ୍ତି ହୋଇନଥିବା ମହାବିଦ୍ୟାଳୟ ସବୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା ଏହାଠାରୁ ଦୁଃଖ ଓ ବିଡ଼ମ୍ବନାର କଥା କ'ଣ ହୋଇପାରେ? ଅଧିକ ବିଡ଼ମ୍ବନାର କଥା ବିଗତ ଏହି ୯୧ ବର୍ଷ ଭିତରେ ସରକାରଙ୍କ ଦ୍ୱାରା ହେଉଥିବା ଅନେକ ଯୋଜନାରୁ ଯେ କୌଣସି ଏକ ଯୋଜନାର ନାମକରଣ ଯଥା କୌଣସି ରାସ୍ତାଘାଟର ନାମକରଣ, ଅଥବା ସେ ଯେଉଁ ସବୁ କ୍ଷେତ୍ରକୁ ଅଗ୍ରାଧିକାର ଦେଇଥିଲେ ମହାରାଜାଙ୍କ ନାମକୁ ନେଇ ଯଦି ନାମକରଣ ହୋଇପାରନ୍ତା ଏ ଜାତି ଅନେକ ମାତ୍ରାରେ କୃତଜ୍ଞ ହୋଇପାରିଥାନ୍ତା । ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି ବ୍ରହ୍ମପୁରଠାରେ ଯେଉଁ ଏମ୍.କେ.ସି.ଜି. (ଗ.କ.ଉ.ଏ. ଗରୟସମବକ୍ଷ ଉକ୍ଟକ୍ଷକ୍ଷରଶର) ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଛି ଚଳିତ ପିଢ଼ିଙ୍କୁ ପଚରାଗଲା ଏମ୍.କେ.ସି.ଜିର ମାନେ କ'ଣ ସେମାନେ କହିଥିଲେ ମୋହନ ଦାସ କରମ .ନ୍ଦ ଗାନ୍ଧୀ ମେଡ଼ିକାଲ କଲେଜ ବୋଲି । ଏଥିରୁ ବୁଝାପଡ଼େ ନବ ଉତ୍କଳର ବିନ୍ଧାଣୀଙ୍କ ପରିଚୟ କେଉଁଠି ବୋଲି । ସତ୍ୟଭାମାପୁର ଉତ୍କଳ ଗୌରବ ଏବଂ ସୁଆଣ୍ଡୋ ଉତ୍କଳ ମଣିଙ୍କ କୀର୍ତ୍ତିରାଜୀ ସ୍ଥଳ ଭାବେ ପରିଚୟ ଦିଆଗଲା । କିନ୍ତୁ ପାରଳା ମହାରାଜାଙ୍କ ଅନ୍ତୁଡ଼ିଶାଳ, ତାଙ୍କ ରାଜ ଉଆସ, ବି.ଏନ୍. ପ୍ୟାଲେସ୍ (ଗ୍ରୀଷ୍ମନୀବାସ) ଯାହା ଓଡ଼ିଶା ସ୍ୱାଧୀନତାର ମୂକସାକ୍ଷୀ ପରବର୍ତ୍ତୀ ସମୟରେ ଶିକ୍ଷା ଅନୁଷ୍ଠାନ ଲାଗି ମହାରାଜା ଦାନ କରିଦେଇଥିଲେ ଆଜି ତାହା ଭଗ୍ନ ସ୍ତୁପ ।

କିଏ ସ୍ୱୀକାର କରୁ ଅବା ନ କରୁ ଆଜି ଆମ ପ୍ରିୟ ଓଡ଼ିଶା ଏକ ବୌଦ୍ଧିକ ଦେବାଳିଆର ସମ୍ମୁଖୀନ ହୋଇଛି । ପୂଜ୍ୟ ପୂଜା ସଂସ୍କୃତି ହେଉଛି ଆମ ମାଟିର ପାତାଳ ଭେଦୀ ସଂସ୍କୃତି । ପୂର୍ବଜ ପଣ୍ଡିତମାନେ ହଜାର ହଜାର ବର୍ଷ ତଳେ ସତର୍କ ଓ ମାର୍ଗଦର୍ଶନ କରିଯାଇଛନ୍ତି । "ଅପୂଜ୍ୟ ଯତ୍ର ପୂଜ୍ୟତେ, ପୂଜ୍ୟାନାମ୍ ଚ ବ୍ୟତିକ୍ରମ, ତ୍ରିନି ତତ୍ର ପ୍ରଚୋଦ୍ୟନ୍ତେ, ମରଣଂ, ଦୁର୍ଭିକ୍ଷଂ ଭୟଂ ।' ଯେଉଁ ରାଜ୍ୟର ଚିର ବନ୍ଦନୀୟମାନେ ଅତି ନିର୍ଦ୍ଦୟ ଭାବରେ ବିସ୍ମୃତିର ଗଭୀର ଗହ୍ୱରକୁ ନିକ୍ଷେପିତ ହୁଅନ୍ତି ସେ ରାଜ୍ୟର ଭାଗ୍ୟ ଓ ଭବିଷ୍ୟତ କ'ଣ? ଶାସ୍ତ୍ର କୁହେ ମଣିଷ ଦ୍ୱାରା ଯେତେ ଜଘନ୍ୟ ପାପ ତାର ମୁକ୍ତିର ପଥ ନିର୍ମିତ ହୋଇଛି ସତ ମାତ୍ର କୃତଘ୍ନ ମାନଙ୍କ ପାଇଁ କୌଣସି ତୀର୍ଥ ନାହିଁ ମୁକ୍ତି ପାଇବା ପାଇଁ । ଅତଏବ ଅସ୍ମିତାର ଧ୍ୱନି ପ୍ରକମ୍ପିତ ଅବଧିରେ ଓଡ଼ିଆ ଅସ୍ମିତାର ମୂର୍ତ୍ତିମନ୍ତ ପ୍ରତୀକ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ କୀର୍ତ୍ତିକୁ ସଂରକ୍ଷିତ କରିବା ତାଙ୍କର ଅମ୍ଳାନ ସ୍ମୃତିରକ୍ଷା କରିବା ସରକାର ଓ ଜନସାଧାରଣଙ୍କର ମୌଳିକ କର୍ତ୍ତବ୍ୟ ବୋଲି ବିଚାର କରୁ । ଆଜିର ଜନ୍ମଦିନର ଅନୁଚିନ୍ତା ଅବସରରେ ଆଶା ଓ ବିଶ୍ୱାସ ଆଗାମୀ ସମୟରେ ମହାରାଜାଙ୍କ ସ୍ମୃତି ରକ୍ଷା ଲାଗି ସରକାର ନିଶ୍ଚୟ କିଛି ପଦକ୍ଷେପ ନେବା ହେବେ।


**ସତ୍ୟଭାମା**
**ଭକ୍ତମଧୁ ନଗର, ଗଣ୍ଡମୁଣ୍ଡା,**
**ଭୁବନେଶ୍ୱର - ୭୫୧୦୩୦**
**ମୋ:୯୯୩୭୨୩୩୦୬୦**


# ସାମାଜିକ ଗଣମାଧ୍ୟମର ଅସାମାଜିକରଣ

ଗୋଟେ ସୁସ୍ଥ, ସଭ୍ୟ ଏବଂ ଆଧୁନିକ ସମାଜର କେତେଗୁଡିଏ ଲକ୍ଷଣ ରହିଛି । ତା' ଭିତରୁ ଦୁଇଟି ବଡ଼ ଲକ୍ଷଣ ହେଉଛି କଥା କହିବାର ସ୍ୱାଧୀନତା ଏବଂ ଅନ୍ୟମାନଙ୍କୁ କଥା କହିବାର ସୁଯୋଗ ଦେବାର ଉଦାରତା।

ଗୋଟେ ସଭ୍ୟ ସମାଜରେ ଜଣେ ତା' ମତ ସ୍ୱାଧୀନ ଭାବରେ ରଖିପାରେ । ସେ ମତକୁ ଜଣେ ଗ୍ରହଣ ନକରିପାରେ କିନ୍ତୁ ତା'ର ମତ ବ୍ୟକ୍ତ କରିବାର ସ୍ୱାଧୀନତାକୁ ସମସ୍ତେ ସମ୍ମାନ ଦିଅନ୍ତି ।

ଆପାତଦୃଷ୍ଟିରେ ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ) ଜଣକର ସ୍ୱାଧୀନ ଭାବେ ମତବ୍ୟକ୍ତ କରିବାର କ୍ଷେତ୍ରକୁ ଅଧିକ ବ୍ୟାପ୍ତ କରୁଛି। ଜଣେ ସାମାଜିକ ଗଣମାଧ୍ୟମରେ କିଛି ପୋଷ୍ଟ କଲେ ତାହା ତତକ୍ଷଣାତ ସାରା ବିଶ୍ୱରେ ପ୍ରସାରିତ ହୋଇପାରେ। ପୁଣି ଅନ୍ୟମାନେ ତାଙ୍କ ପୋଷ୍ଟକୁ ରି-ପୋଷ୍ଟ କରି ତାକୁ ଆହୁରି ଅଧିକ ଲୋକଙ୍କ ପାଖକୁ ନେଇ ଯାଇ ପାରନ୍ତି।

କିନ୍ତୁ ଟିକେ ତଳେଇ ଦେଖିଲେ ଜାଣିପାରିବେ ସାମାଜିକ ଗଣମାଧ୍ୟମ ଜଣକର ମତ ବ୍ୟକ୍ତ କରିବାର ସ୍ୱାଧୀନତାକୁ ଦୁଇ ଦିଗରୁ ଖର୍ବ କରିଦେଉଛି। ଗୋଟିଏ ପାଖରେ ସାମାଜିକ ଗଣମାଧ୍ୟମ ମତବ୍ୟକ୍ତ କରିବାର ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତାରେ ପରିଣତ କରୁଛି। ଫଳରେ ସ୍ୱାଧୀନ ମତପ୍ରକାଶ ବିଷୟଟି କ୍ରମଶଃ ତାର ମାନ୍ୟତା ଓ ଗୁରୁତ୍ୱ ହରାଉଛି। ପୁଣି ସାମାଜିକ ଗଣମାଧ୍ୟମ ଅନ୍ୟମାନଙ୍କ ମତବ୍ୟକ୍ତ କରିବାର ଅଧିକାରକୁ ଉଦାରତାର ସହିତ ଗ୍ରହଣ ତ କରୁନାହିଁ, ବରଂ ଏଇ କ୍ଷେତ୍ରଟିକୁ କ୍ରମଶଃ ସଂକୁଚିତ କରିବାରେ ଲାଗିଛି ।

ସାମାଜିକ ଗଣମାଧ୍ୟମରେ ଯିଏ ଯାହା ପାରେ ମନ୍ତବ୍ୟ ଦେଇପାରେ, ଦଉଛନ୍ତି। ପୁଣି ଅନ୍ୟର ମତାମତ ଉପରେ ଆକ୍ରମଣ କରିପାରେ, କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ଅନେକେ ରାଜନୀତିଠୁ ଆରମ୍ଭ କରି ସମାଜ, ସାହିତ୍ୟ, ଅର୍ଥନୀତି, ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦି ଉପରେ ଜଣେ ବିଶେଷଜ୍ଞ ଭଳି ମନ୍ତବ୍ୟ ଦିଅନ୍ତି ଏବଂ ଅନ୍ୟର ମନ୍ତବ୍ୟକୁ ନକାରାତ୍ମକ ଭାବେ ଆକ୍ରମଣ କରନ୍ତି । ତାଠୁ ବି ବଡ଼ କଥା - ନିଜ ମତ ସହିତ କାହା ମତ ଯଦି ନମିଶେ ତାହେଲେ ତାକୁ ଶତ୍ରୁ ଭାବରେ ଗ୍ରହଣ କରନ୍ତି ଏବଂ ସେହିଭଳି ବ୍ୟବହାର କରନ୍ତି । ଯଦି ଜଣଙ୍କର ମତ ସହିତ ଆଉ ଜଣଙ୍କର ମତ ନମିଶିଲା ତାହାହେଲେ ପ୍ରଥମ ବ୍ୟକ୍ତିଙ୍କ ପାଇଁ ସିଏ ହେଲା ପୃଥିବୀର ସବୁଠାରୁ ଖରାପ ଲୋକ ଭିତରୁ ଗୋଟିଏ ।

ଆଉ ଜଣେ ଯଦି ଉଭୟ ପକ୍ଷର ମନ୍ତବ୍ୟ ଦିଅନ୍ତି, ଉଭୟ ପକ୍ଷର ଇତିବାଚକ ଏବଂ ନୀତିବାଚକ ଦିଗ ଗୁଡିକ ତୋଳି ଧରନ୍ତି ତାହାହେଲେ ଅଧିକ ଲୋକ ତାକୁ ପଢ଼ନ୍ତି ନାହିଁ କି ଗ୍ରହଣ କରନ୍ତି ନାହିଁ। ପକ୍ଷମୁକ୍ତ ଆଉ ଯୁକ୍ତିଯୁକ୍ତ ଗଭୀର କଥାକୁ ସାମାଜିକ ଗଣମାଧ୍ୟମ ମଞ୍ଚ ସାଧାରଣତଃ ଭଲଭାବେ ଗ୍ରହଣ କରେନାହିଁ।

**ପ୍ରଶ୍ନ: ଏପରି ହେଉଛି କାହିଁକି?**

ସାମାଜିକ ମନସ୍ତତ୍ତ୍ୱବିଦ (ସୋସିଆଲ ସାଇକୋଲଜିଷ୍ଟ)ମାନଙ୍କ ମତରେ ମତରେ ଏହାର ଅନେକ ଗୁଡିଏ କାରଣ ରହିଛି।

ପ୍ରଥମ: ସାମାଜିକ ଭଦ୍ରାମିର ଅବକ୍ଷୟ: ଆଗରୁ ମୁହାଁମୁହିଁ କଥାବାର୍ତ୍ତା ହେଉଥିଲା।



ଡ. ମୃଣାଳ ଚାଟାର୍ଜୀ

ଟେଲିଫୋନରେ କଥାବାର୍ତ୍ତା ହେଉଥିଲା। ଏବେ ଆଉ ମୁହଁ ନାହିଁ। ସମାଜରେ ସାମାଜିକ ପରିବେଷ୍ଟନୀ ହୁଗୁଳା ହେଲାଣି। ସାମାଜିକ ଚେତନା ଏବଂ ଭଦ୍ରାମି (ସିଭିଲିଟି) ସେଇ ଅନୁସାରେ ବଢ଼ୁ ନାହିଁ। ଲୋକ ସାମାଜିକ ଗଣମାଧ୍ୟମରେ ନିଜକୁ ଆହୁରି ପରିଚିତ କରିବାପାଇଁ, ତାଙ୍କ ପୋଷ୍ଟକୁ ଯେମିତି ଆହୁରି ଅଧିକ ଲୋକ, ଅଧିକ ସମୟ ଧରି ଦେଖିବେ, ତାହାପାଇଁ ଯାହା ସାମାଜିକ ଭାବରେ କରିବାକଥା ନୁହଁ ତାହାବି କରିବାରେ ଲାଗିଛନ୍ତି ।

ଦ୍ୱିତୀୟ: ଗଭୀରତାର ଅଭାବ : ଲୋକେ ଏବେ ବେଶୀ ଗଭୀର ସାନ୍ଦ୍ର ପଢ଼ାପଢ଼ି ଆଡକୁ ଯାଉନାହାଁନ୍ତି । ଟିଭି ଦେଖିବା ବି କ୍ରମଶଃ କମିଗଲାଣି । କେବଳ ସାମାଜିକ ଗଣମାଧ୍ୟମର ଟକସିକ (ବିଷାକ୍ତ) ପରିବେଶରେ ରହି ଲୋକମାନଙ୍କର ଟକସିସିଟି ବଢ଼ିବଢ଼ି ଯାଉଛି । ସାମାଜିକ ଗଣମାଧ୍ୟମରେ ପୁଣି ଯାହା ଇଛା ଓଲଟ ପାଲଟ ଲେଖିହବ ।

ଏହା ସହିତ ସାମାଜିକ ଗଣମାଧ୍ୟମ ସମାଜରେ ଧ୍ରୁବୀକରଣ (ପୋଲାରାଇଜେସନ) ର ବିଷମଞ୍ଜି ପାଇକାରୀ ଭାବେ ବୁଣି ଚାଲିଛି। ଯୋଗାଯୋଗ କ୍ଷେତ୍ରରେ ଇଂରାଜୀରେ ଗୋଟେ କଥା କୁହାଯାଏ 'ଫ୍ୟାଟିକ କମୁନିକେସନ' । 'ଫ୍ୟାଟିକ କମୁନିକେସନ'ର ଅଵଧାରଣା ହେଲା: ମୋ ମତ ସହିତ ଯିଏ ଏକମତ ମୁଁ ସେମାନଙ୍କ କଥାହିଁ କେବଳ ଶୁଣିବି । ସାମାଜିକ ଗଣମାଧ୍ୟମ ଏହାକୁ ଆହୁରି ସାନ୍ଦ୍ର କରିଦେଉଛି ଏବଂ ବିପଦର କଥା ହେଉଛି ଯେ କେବଳ ସାନ୍ଦ୍ର କରୁନାହିଁ ଅନ୍ୟ ମତ ରଖୁଥିବା ଲୋକମାନଙ୍କୁ ଶତ୍ରୁ ଭାବରେ ଜ୍ଞାନ କରିବା ମଧ୍ୟ ଶିଖେଇ ଦେଉଛି ।

ଜଣେ ଯଦି ଭୁଲ୍ କରେ ସେ ଜାଣୁଛି ଯେ ଏଇଟା ଭୁଲ୍ ହେଇଛି କିନ୍ତୁ ତାକୁ ସ୍ୱୀକାର କରିବାପାଇଁ ସାମାଜିକ ଗଣମାଧ୍ୟମରେ ଆଦୌ କେହି ପ୍ରସ୍ତୁତ ନାହାଁନ୍ତି । ସାମାଜିକ ଗଣମାଧ୍ୟମରେ ଆମର ଗଭୀର ଏବଂ ସାନ୍ଦ୍ର ଆବେଗଗୁଡିକ ବଡ ଉପରଠାଉରିଆ ଭାବରେ ଇମୋଜିରେ ସୀମିତ ହେଇଯାଉଛି । କାହାର ବାପା ମରିଗଲେ ସିଏ ସାମାଜିକ ଗଣମାଧ୍ୟମରେ ଲେଖୁଛି ବାପା ମରିଗଲେ, ବାପାଙ୍କୁ ମଶାଣୀକୁ ନେଉଛି, ଫିଲିଙ୍ଗ ସ୍ୟାଡ୍ । ଆଉ ଜଣେ ତା ଦେହରେ ଆରଆଇପି (ରେଷ୍ଟ ଇନ ପିସ) ଲେଖିକି ଛାଡି ଦେଉଛି ବା ଓଁ ଶାନ୍ତି ବା ଜଣେ କାନ୍ଦିବାର ଗୋଟେ ଇମୋଜି ।

ଧୀରେ ଧୀରେ ଧୀରେ ଧୀରେ ଲୋକଙ୍କର ପ୍ରିୟ ହେଇଯାଉଛି କଣ୍ଟେଟ୍ ତିଆରି କରିବା। କିଏ ରାସ୍ତାରେ ପଡିଗଲେ ତାକୁ ଆଗେ ଉଠେଇବା ବଦଳରେ ଲୋକମାନେ ତା'ର ଭିଡିଓ କରିବାରେ ଲାଗିଛନ୍ତି । ଯେକୌଣସି ସଡକ ଦୁର୍ଘଟଣାରେ ଆଜିକାଲି ଦେଖାଯାଉଛି ଯେ ଜଣେ ଦିଜଣ ଲୋକ ତାକୁ ସାହାଯ୍ୟ କରିବାପାଇଁ ଯାଉଛନ୍ତି ବାକି ମୋବାଇଲ ବାହାରକରି ତା'ର ଫଟୋ ଉଠଉଛନ୍ତି, ଭିଡିଓ କରୁଛନ୍ତି । ସାମାଜିକ ଗଣମାଧ୍ୟମର ଭାଷା ଭାବ ସବୁ କେମିତି ଲୋକଦେଖାଣିଆ, ଉପରଠାଉରିଆ, ଅଗଭୀର ହେଇଯାଉଛି । ନା ଆବେଗର ସାନ୍ଦ୍ରତା ଅଛି ନା ଭାଷାର ଗାମ୍ଭୀର୍ଯ୍ୟ ଅଛି । ଏକ ଲୋକଦେଖାଣିଆ ଫାର୍ସ ଏବଂ 'ମୁଁ ସବୁଠୁ ଅଧିକ ଜ୍ଞାନୀ, ମୋଠୁ ଅଧିକ ଜ୍ଞାନୀ କେହି ନାହିଁ' ଏହି ଭାବ ସାରା ସମାଜରେ ସଂଚରି ଦଉଛି ।

ସାମାଜିକ ଗଣମାଧ୍ୟମର ବ୍ୟାପକ ଏବଂ ନିର୍ବିଚାର କ୍ରମଶଃ ଲୋକଙ୍କୁ ମୂର୍ଖ ଆଉ ଅସାମାଜିକ କରିଦେଉଛି । ତା'ଠୁ ଟିକିଏ ଦୂରେଇ ରୁହନ୍ତୁ ।

## ଆସ ଓଡ଼ିଶାକୁ ଜାଣିବା

# କଳିଙ୍ଗ ରାଜା-'କାଳିଙ୍ଗ'

ରାଜା କରକଣ୍ଡୁ ଙ୍କ ପରେ କଳିଙ୍ଗ ରାଜ୍ୟରେ ଦେଖାଦେଇଥିବା ରାଜନୈତିକ ଅସ୍ଥିରତାକୁ ପ୍ରତିହତ କରି ଏଠାରେ ଶାନ୍ତି ଓ ସୁଶାସନ ପ୍ରବର୍ତ୍ତନ କରିଥିଲେ ରାଜା କଳିଙ୍ଗ। ''ସରଭଙ୍ଗ ଜାତକ'' ନାମକ ଏକ ପ୍ରାଚୀନ ଗ୍ରନ୍ଥ ରୁ ଜଣାଯାଏ- ସେ ସମୟରେ ଦାକ୍ଷିଣାତ୍ୟରେ ଦଣ୍ଡକ ସାମ୍ରାଜ୍ୟ ମୁଣ୍ଡ ଟେକିଥିଲା।ଦଣ୍ଡକ ରାଜ୍ୟର ରାଜଧାନୀ ଥିଲା କୁମ୍ଭବଟୀ। ଦଣ୍ଡକର ରାଜା ଥିଲେ ଦଣ୍ଡକୀ। ଏହି ଦଣ୍ଡକୀ ଥିଲେ ଖୁବ ଉଗ୍ର ଓ ଉଦଣ୍ଡ। ସେ ବିଦର୍ଭ ର ରାଜା ଭୀମରଥ, ଅସସକ ରାଜା ଅଷ୍ଟକ ଓ କଳିଙ୍ଗ ର ରାଜା କାଳିଙ୍ଗ ଙ୍କୁ ଅଧୀନତା ସ୍ୱୀକାର କରାଇଥିଲେ। ତେବେ 'ସରଭଙ୍ଗ ଜାତକ ' କହେ- ଦଣ୍ଡକୀ ତାଙ୍କର ନୀତି ହୀନ କାର୍ଯ୍ୟ ପାଇଁ ଏକଦା କୃଷ୍ଣବସ୍ତ ନାମକ ଋଷିଙ୍କ ଅଭିଶାପ ପାଇଲେ ଏବଂ ସବଂଶେ ନିହତ ହେଲେ। ଫଳତଃ ଦଣ୍ଡକ ସାମ୍ରାଜ୍ୟର ପତନ ଘଟିଲା ଏବଂ ରାଜା କାଳିଙ୍ଗ କଳିଙ୍ଗ ର ସ୍ୱାଧୀନତା ଘୋଷଣା କଲେ।

**ରାଜା କାଳିଙ୍ଗ ସ୍ୱାଧୀନ ହେବାପରେ**

'ସରଭଙ୍ଗ' ଆଶ୍ରମ କୁ ଯାଇ ତାଙ୍କ ଠାରୁ ସୁ ଉପଦେଶ ମାନ ପ୍ରାପ୍ତ ହୋଇଥିଲେ। ସରଭଙ୍ଗ ଋଷି ଗୋଦାବରୀ ନଦୀକୂଳ ରେ ତାଙ୍କର ଆଶ୍ରମ ସ୍ଥାପନ କରିଥିଲେ। ବିଦର୍ଭ ର ରାଜା ଭୀମରଥ ଓ ଅସସକର ରାଜା ଅଷ୍ଟକ ଙ୍କ ସହ ରାଜା କଳିଙ୍ଗ ଙ୍କ ଭଲ ସମ୍ପର୍କ ଥିଲା। କିଛିଦିନ ରାଜ୍ୟ ଶାସନ କରିବାପରେ ରାଜା କାଳିଙ୍ଗ ତାଙ୍କ ଜ୍ୟେଷ୍ଠ ପୁତ୍ର 'ମହାକାଳିଙ୍ଗ'ଙ୍କୁ ସିଂହାସନ ରେ ବସେଇ ସନ୍ନ୍ୟାସ ବ୍ରତ ଗ୍ରହଣ କଲେ।

**ରାଜା ମହାକାଳିଙ୍ଗ:**

ମହାକାଳିଙ୍ଗ ଥିଲେ ଜଣେ ଉଦାରମନା ଓ ପ୍ରଜାନୁରଞ୍ଜକ ଶାସକ। ସେ କଳିଙ୍ଗର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିଥିଲେ। କିନ୍ତୁ ଏହାଙ୍କ ଶାସନ କାଳ ରେ ସାନଭାଇ ଚୁଲ୍ଲା କାଳିଙ୍ଗ ରାଜ୍ୟରେ ଶାନ୍ତିଭଙ୍ଗ କରିବାରୁ ବାଧ୍ୟତଃ ସେ ଚୁଲ୍ଲକାଳିଙ୍ଗଙ୍କୁ ରାଜ୍ୟରୁ ନିର୍ବାସିତ କରିଥିଲେ। ମହାକାଳିଙ୍ଗ ଦୀର୍ଘ ସମୟ କାଳ କଳିଙ୍ଗ କୁ ଶାସନ କରିଥିଲେ। ତେବେ ମହାକାଳିଙ୍ଗ ଅପୁତ୍ରିକ ଥିବାରୁ ତାଙ୍କ ପରେ ଚୁଲ୍ଲା କାଳିଙ୍ଗ ଙ୍କ ପୁତ୍ର କାଳିଙ୍ଗ (୨ୟ) ସିଂହାସନ ଆରୋହଣ କରଥିଲେ।

**ଚୁଲ୍ଲାକାଳିଙ୍ଗ ଉପାଖ୍ୟାନ ଓ କାଳିଙ୍ଗ(୨ୟ)ଙ୍କ ଜନ୍ମ**

'ଚୁଲ୍ଲ୍ କାଳିଙ୍ଗ' ଗ୍ରନ୍ଥ ରୁ ଜଣାଯାଏ, ନିର୍ବାସିତ ହେବାପରେ ଚୁଲ୍ଲାକାଳିଙ୍ଗଙ୍କ ଭିତରେ ଏକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେ



ଚନ୍ଦ୍ରବିଜୟୀ ମିଶ୍ର

ବୈରାଗ୍ୟ ଅବଲମ୍ବନ କରିବାକୁ ଉଚିତ ମନେକରିଥିଲେ। ତେଣୁ ସେ ହିମାଳୟର ଉପକଣ୍ଠ ରେ ଥିବା ଅରଣ୍ୟକୁ ଗମନ କଲେ। ସେଠାରେ ବାସ କରୁଥିବା ସମୟରେ ଆକସ୍ମିକ ଭାବେ ସେହି ନିକଟରେ ଆଶ୍ରୟ ଗ୍ରହଣ କରିଥିବା ମଦ୍ର ଦେଶର ରାଜା ଓ ତାଙ୍କ ପରିବାରଙ୍କ ସହ ଚୁଲ୍ଲା କାଳିଙ୍ଗ ସମ୍ପର୍କିତ ହେଲେ। ସମୟ କ୍ରମେ ମଦ୍ର ଦେଶର ରାଜକନ୍ୟା ମଦ୍ରାଦେବୀଙ୍କ ପ୍ରତି ଚୁଲ୍ଲ କାଳିଙ୍ଗ ଆକର୍ଷିତ ହେଲେ ଓ ସେମାନଙ୍କର ବିବାହ ହେଲା। ଏହି ବିବାହରୁ ଜନ୍ମ ନେଇଥିଲେ କାଳିଙ୍ଗ (୨ୟ) ।

**ରାଜା କାଳିଙ୍ଗ (୨ୟ):**

ମହାକାଳିଙ୍ଗଙ୍କ ମୃତ୍ୟୁ ସମୟକୁ କାଳିଙ୍ଗ(୨ୟ) ତରୁଣ ବୟସ୍କ ଥିଲେ। ଚୁଲ୍ଲା କାଳିଙ୍ଗଙ୍କ ନିର୍ଦ୍ଦେଶରେ ରାଜକୀୟ ସଙ୍କେତ ଘେନି କାଳିଙ୍ଗ (୨ୟ) ଯେତେବେଳେ କଳିଙ୍ଗ ର ରାଜଧାନୀ ଦନ୍ତପୁର ରେ ପ୍ରବେଶ କଲେ ଓ ସିଂହାସନ ଉପରେ ତାଙ୍କର ଅଧିକାର ଦାବିକଲେ। ସେତେବେଳେ କଳିଙ୍ଗର ମନ୍ତ୍ରୀ ଓ ସାମନ୍ତବର୍ଗ ଏହି ଦାବୀକୁ ସ୍ୱୀକୃତି ପ୍ରଦାନ କଲେ। ଫଳତଃ କଳିଙ୍ଗରେ ରାଜା କାଳିଙ୍ଗ(୨ୟ) ଙ୍କ ରାଜତ୍ୱ ଆରମ୍ଭ ହେଲା।

**ଅସସକ-କଳିଙ୍ଗ ଯୁଦ୍ଧ:**

କଳିଙ୍ଗ ରାଜା କାଳିଙ୍ଗ (୨ୟ) ଓ ଅସସକ ରାଜା ଅରୁଣଙ୍କ ମଧ୍ୟରେ ଘଟିଥିବା ଯୁଦ୍ଧ ହିଁ" ଅସସକ-କଳିଙ୍ଗ ଯୁଦ୍ଧ " ନାମରେ ପରିଚିତ। ଖ୍ରୀଷ୍ଟପୂର୍ବ ସପ୍ତମ ଶତକରେ ଏହି ଯୁଦ୍ଧ ସଂଗଠିତ ହୋଇଥିଲା ଓ ତତକାଳୀନ ଭାରତବର୍ଷର ଏହା ଥିଲା ଏକ ବହୁଚର୍ଚ୍ଚିତ ଘଟଣା।

କାଳିଙ୍ଗ ବୋଧି ଜାତକ ଓ ଚୁଲ୍ଲା କାଳିଙ୍ଗ ଜାତକ ଗ୍ରନ୍ଥ ଦ୍ୱୟରୁ ଜଣାଯାଏ, ରାଜା କାଳିଙ୍ଗ (୨ୟ)ଙ୍କର ଥିଲେ ଚାରିଜଣ କନ୍ୟା କଳିଙ୍ଗ( ୨ୟ) ପଣ କରିଥିଲେ- ଯିଏ ଯୁଦ୍ଧ ରେ ତାଙ୍କୁ ପରାସ୍ତ କରିବେ, ସେ ତାଙ୍କର ଚାରିକନ୍ୟାଙ୍କୁ ତାଙ୍କ ସହିତ ବିବାହ କରାଇବେ। ତେଣୁ ସେ ତାଙ୍କର ଚାରିକନ୍ୟାଙ୍କୁ ସୁସଜ୍ଜିତ ରଥ ମାନଙ୍କରେ ବସାଇ ବିଭିନ୍ନ ରାଜ୍ୟ ପରିଭ୍ରମଣ କରାଉଥିଲେ। ସେହି ସମୟରେ ଅସସକ ର ରାଜା ଥିଲେ ଅରୁଣ। କାଳିଙ୍ଗ (୨ୟ)ଙ୍କ ଯୁଦ୍ଧଖୋର ମନୋବୃତ୍ତି ଦେଖି ସେ ବାଧ୍ୟତଃ ଅସସକ ର ସେନାବାହିନୀକୁ ଶକ୍ତିଶାଳୀ କରି ଗଢିଥିଲେ। ଯେତେବେଳେ ରାଜା କାଳିଙ୍ଗ (୨ୟ)ଙ୍କ ରଥ ସବୁ ଅସସକ ର ରାଜଧାନୀ "ପୋତନ" ଠାରେ ପହଞ୍ଚିଲା, ସେତେବେଳେ ରାଜା ଅରୁଣଙ୍କ ଇଛା ବିରୁଦ୍ଧ ରେ ତାଙ୍କ ସୁଚତୁର ମନ୍ତ୍ରୀ ନନ୍ଦିସେନ ସେହି ରଥ ଗୁଡିକ ଅଟକ ରଖିଥିଲେ। ଫଳରେ ଅସସକ-କଳିଙ୍ଗ ଯୁଦ୍ଧ ସୁନିଶ୍ଚିତ ହୋଇ ପଡିଲା। ଯୁଦ୍ଧ ଆରମ୍ଭ ହେଲା। ଯୁଦ୍ଧରେ ଅସସକର ଦେବତା କୃଷ୍ଣକାୟ ବୃଷଭ ଓ କଳିଙ୍ଗ ର ଦେବତା ଶ୍ୱେତକାୟ ବୃଷଭ ଉପସ୍ଥିତ ରହି ଆପଣା ଆପଣା ସେନାଙ୍କୁ ପ୍ରେରଣା ଓ ଉତ୍ସାହ ଦେଉଥିଲେ। ସେ ସମୟର ଯୁଦ୍ଧନୀତି ଅନୁସାରେ କେହି କାହାଙ୍କ ଦେବତାଙ୍କୁ ଆକ୍ରମଣ କରିବା ଅନୁଚିତ ଥିଲା।ମାତ୍ର, ନନ୍ଦିସେନଙ୍କ ଆଦେଶରେ କଳିଙ୍ଗର ଶ୍ୱେତ ବୃଷଭ ଦେବତାଙ୍କୁ ଅସସକ ସେନା ହଠାତ ଆକ୍ରମଣ କରି ଭୂତଳଶାୟୀ କରିବାରୁ ବାଧ୍ୟତଃ କଳିଙ୍ଗ (୨ୟ) ବିଚଳିତ ହୋଇ ଯୁଦ୍ଧବନ୍ଦ ଘୋଷଣା କଲେ ଓ ନିଜର ପରାଜୟ ସ୍ୱୀକାର କରିବା ସହ ଆପଣାର ଚାରିକନ୍ୟାଙ୍କୁ ଅସସକ ରାଜା ଅରୁଣଙ୍କୁ ବିବାହ କରାଇଲେ। ତେବେ, ଇତିହାସ କହେ- ଏହି ଯୁଦ୍ଧ ପରେ କଳିଙ୍ଗର ଗୌରବ ଅନେକ ପରିମାଣରେ ହ୍ରାସ ପାଇଥିଲା ....

(କ୍ରମଶଃ)

# JAGANNATH DHARMA

Dr. Atul Chandra Pradhan

Lord Jagannath, the presiding deity of Puri, into whose shrine sometimes curious visitors from the West, as it is reported in the Press, try to enter is today well-known all over the world. As a religious town Puri has drawn pilgrims from outside from ninth-tenth centuries AD. onwards. There is mention of Jagannath as Purushottam and of Puri as Shrikshetra or Purushottam or Purushottam Kshetra or Shankha Ksherta in Sanskrit as well as Odia Puranas. Some of the Puranas which mention Puri and its presiding deity are mentioned here - Bamara Purana, Skanda Purana, Shiba Purana, Bruhat Nrusingha Purana, Utkal Mahatmya, Tantra Jamala, Brahma Purana, Kurma Purana, Padma Purana, Narada Purana, Sarala Das' Mahabharat and Nilamabar Das' Deula Tola etc. Some Puranas highly glorify Puri and Purushottam Bruhat Nrusingha Purana says: "There is no place on earth holier than Purushottam. It is a veritable paradise on earth, even gods aspire to see it". Shiva Purana says: "Purushottam is the only place on earth which can confer liberation from earthly bondage, it is the place where the Supreme Lord has assumed wooden form' According to "Vishnudharma," an early Sanskrit manuscript (belonging to 3rd century AD.) Krushna was known as Purushottam in the Odra country. Vaman Purana, a work of seventh century AD. mentions Purushottam deity of Puri Anargha Raghava Natakam of Murari Mishra, composed in mid-ninth century A.D. describes the Purushottam deity of Puri with consort Kamala on His lap. The Sarada Devi temple inscription of Mahar, which is situated in the Satna district of Madhya Pradesh and assigned to tenth century A.D. refers to the Purushottam deity of Odra country, located on the sea-shore. Literary and epigraphic evidences show the reputation of the Purushottam deity of Puri by the tenth century A.D. When Somavamshi rule was established in coastal Odisha in tenth century, A.D. in recognition of the importance of the Purushottam deity of Puri, Yayati-I (922 AD. to 955 A.D) constructed a temple for the deity. Some scholars are of opinion that the sculptural remains of the Somavamshi period are still to be found in the premises of the Jagannath temple. Vaishnavism appears to have spread in Odisha during the Mathara rule, ie. from mid- 4th century AD. to the end of fifth century AD. The propagation of Vaishnavism by Ramanuja and Jayadeva in the twelfth century AD reinforced the Vaishnavism of Odisha which had grown with Lord Jagannath as the central deity. Chodaganga Deva, who founded the Ganga empire in Utkal early in twelfth century A.D. attached due importance to the cult of Jagannath and raised a gigantic temple for the deity, eventhough personally he was a devotee of Shiva. He and his successors regarded Jagannath as their patron deity. A powerful Ganga monarch like Anangabhimadeva- III called his empire Purushottam Samrajya and himself the deity's Routa or deputy. The same importance of Purushottam-Jagannath continued in the Suryavamshi period. Kapilendra, the founder of the Suryavanshi dynasty claimed to have become the king of Utkal at the command of Purushottam2; he invoked the name of Jagannath in the day-to-day administration; he sought the blessings of the deity by visiting Puri for suppressing the rebellious feudatories." Purushottam, the son of Gajapati Kapilendra Deva, who became the next Gajapati, superseding his elder brother Hamvira according to the so- called wish of Lord Jagannath professed great devotion to the deity, gave costly presents to the deity after ascending the throne in 1497; he wrote Abhinava Gitagovindam for singing the glory of Lord Jagannath Gobinda Vidyadhar, the Bhoi king who killed the two sons of Prataparudra and usurped the Gajapati throne in 1541 sought to secure people's allegiance by invoking Lord Jagannath; he threatened his rebellious feudatories with the wrath of the deity

During Ganga and Suryavanshi periods kingship and cult of Jagannath got inter-woven calling themselves the Routas or deputies of Lord Jagannath, the kings justified their actions in His name. In the words of Hermann Kuke, "Kingship became part of the cult and the cult became part of Orissan kingship and its main source of legitimation. The traditional practice of Chhera Panhara (ceremonial sweeping at the time of car festival by the Gajapati) is attributed by many to the acceptance of overlordship of Lord Jagannath Kapilendra's usurpation of the throne and choice of Purushottam as the heir-apparent were legitimized by invoking the so- called will of Lord Jagannath

The Puranas give a mythical account of the origin of Lord Jagannath which is not historically acceptable. These myths however suggest tribal as well as Vaishnavite links of the deity in hoary past. Analysing the legendary association of Lord Jagannath with a class of aborigines, called Sabaras, the peculiar nature of wooden icon of the deity and his associates- Balabhadra and Subbadra and association of a class of non-Brahmin priests, called Daitas who are presumed to be of tribal origin with the worship of the deity, many hold that Jagannath was originally a tribal deity. Ancharlott Eschmann holds that the Navakalevar ie. the ceremony ofrenewal of the deity is a tribal custom, as practices of renewal of wooden deity are to be found among the primitive tribes like Sacras and Kandhas."

"Jagannath, the name by which the deity is today known came to be used in literary texts and inscriptions at a later period. Perhaps it was first mentioned in the Sanskrit text Jnana Siddhi, a work of eighth century AD., composed by Indrabhuti, a Tantrik Buddhist. Epigraphically speaking, it was for the first time used in a fourteenth century inscription of the Ganga king Bhandeva-II. According to some, the word" Jagannath" is derived from the tribal name of the deity' Jaganta' or 'Jagun'. Some say that as Jagannath was identified with Buddha, the ninth incarnation of Vishnu and that as Jagannath is one of the epithets of Buddha, the deity was called Jagannath. Though in Brahmanical literature Purushottam has been mentioned as the name of the deity, probably in popular parlance Purushottam and Jagannath were used interchangeably or together as Purushottam - Jagannath. Eschmann holds that in his earliest form as an image of Vishnu Jagannath was known as Nrushingha, the lion incarnation of Vishnu. Her contention is based on the fact that Navakalevar ritual considers Jagannath figure to be Nrusingha She says: "Narasingha is that iconological aspect of Jaganath which recedes in later theology; it can easily be associated with tribal cults and was probably instrumental for the development of the Jagannath iconography"

The name "Purushottam' has always chung to the deity. "Purushottam' represents the erotic aspect of Vishnu and is to be found with Laxmi In Anargha Raghava Natakam Murari Mishra described Purushottam with Laxmi on lap. Jayadeva, the twelfth century poet who regarded Jagannath as Krishna, while describing the erotic sports of Krishna with Radha in Gita Govinda has identified Radha with Kamala or Laxmi. The Purushottam Mahatmya of Skanda Purana (a work of 13th century A.D.) and Vishnu Rahasya (a work of 16th century AD) refer to the female wooden image between Jagannath and Balabhadra as Laxmi. Probably initially Purushottam-Jagannath was worshipped with Lakshmi; at a later stage Balabhadra and Subhadra were seated in the sanctum and Lakshmi was worshipped in a separate temple.

Shri Chaitanya who was regarded by his devotees as the embodiment of Jagannath completed the process of identification ofthe deity with Krushna, begun by Jayadeva. Though overwhelmingly influenced by Vaishnavism, Puri in general and Jagannath temple complex in particular bear the imprint of other religious movements such as Buddhism, Jainism, Shaivism and Shakti cult. Some Tantrik deities such as Vimala have been absorbed into the Jagannath system. The prevalence of Shakti cult at Puri is bome out by the discovery of Sapta Matruka image near Markandeya tank. Some Tantrik Buddhists like Indrabhuti attributed Buddhahood to Lord Jagannath. Others treated Lord Jagannath as a Tantrik deity. The Kalika Purana declares Jagannath and Katyayani as the presiding deities of Odrapitha (Puri)." The Bata Avakasha of Balaram Das, the early sixteenth century poet holds that Jagannath is attended by sixty four yoginis, Katyayani, Saptamatruka, Vimala and Viraja. The Utkal Khanda of Skanda Purana describes Subhadra as the Shakti of Jagannath. The prevalence of Shaivism in Puri is borne out by the existence of Shiva temples like Markandeyeshwar, Pataleshwar and Lokanath. At one time these Shiva temples were looked after by the authorities of the Jagannath temple. In 1805 Charles Grome, the Collector of Puri observed: "The Deul Purchas of the Temple of Jagannath were accustomed to superintend and manage the Thakurs, Nirsingnath and the five Mahadebs, Lokenath, Jumessur, Kapaul Mochun, Markund Isser, Nikaunt Isser in the town of Poorshootum, besides all the other Thakoors which surround Juggunnath but now they have entirely neglected them, they should therefore be compelled to pay them the usual and customary attention."

So far as the influence of Buddhism on Jaganath cult is concerned, the deity himself has been identified with Buddha by Sarala Das and Jagannath Das. Sarala Das thus invoked Lord Jagannath: "You have appeared as Buddha in the Kaliyuga to redeem the sinners of the world".

Jagannath Das invoked the Lord as follows: "Oh Prabuddha you have appeared as and Balabhadra represent Buddha, Dharma and Sangha respectively, that the Snana Yatra (bathing festival) and Ratha Yatra (Car festival) are of Buddhist origin. The sharing of Mahaprasad on equal footing by people of all castes high and low is attributed to Buddhist impact. Evidently there was a synthesis or compromise between Buddhism on one hand and orthodox Hinduism on the other hand and Jagannath cult bears its imprint.

From religious point of view a temple is meant for the worship of glorification of the transcendental power. But as a social institution it is bound to be influenced by the movements within the society. Jagannath Dharma as it is found today is the outcome of Sanskritisation of the indigenous tribal deity and culture. The sharing of Mahaprasad on equal footing by the people of all castes appears to be the result of a conflict or compromise between the socially deprived or subalternsand privileged sections, which is allegorically represented by Balaram Das, the leading figure of Panchasakha movement which was basically a heterodox movement in his poem Laxmi Purana. In this poem through the challenge of Goddess Laxmi to her husband Lord Jagannath and his elder brother, Lord Balabhadra by accepting the worship of an untouchable lady, named Shriya for which she was ousted from the temple. Balaram Das has advocated feminism, caste equality and primacy of material needs over

social status and gender inequality and articulated consciousness and identity of the oppressed.


Dr. Atul Chandra Pradhan, MIG-68, Baramunda Housing Board Colony; Bhubaneswar-751003.


ନୀତିଶିକ୍ଷା



# ଇନ୍ଦ୍ରିୟ-ସୁଖ

ଭବତୋଷ ତ୍ରିପାଠୀ

ଜଣେ ରାଜା ଥିଲେ । ତାଙ୍କର ଗୋଟିଏ ପୋଷା ଛେଳି ଥିଲା । ପୋଷା ଛେଳିଟି ଖୁବ୍ ସ୍ୱାସ୍ଥ୍ୟବାନ୍ ଥିଲା ଓ ଉତ୍ତମ ଖାଦ୍ୟ ଖାଉଥିଲେ ସୁଦ୍ଧା, ସର୍ବଦା ଅଧିକ ଖାଦ୍ୟ ଖାଇବାକୁ ଇଚ୍ଛା କରୁଥିଲା । ରାଜା ରାଜ୍ୟରେ ଘୋଷଣା କଲେ ଯେ ଯିଏ ତାଙ୍କ ପୋଷା ଛେଳିକୁ ଏପରି ଉଦର ଭର୍ତ୍ତି କରି ଖୁଆଇ ପାରିବ ଯାହା ଫଳରେ ସେ ଆଉ ଖାଦ୍ୟ ଖାଇବ ନାହିଁ, ସେ ତାକୁ ପୁରସ୍କାର ପ୍ରଦାନ କରିବେ । ଏହା ମଧ୍ୟ କହିଲେ ଯେ, ଯିଏ ଛେଳିକୁ ଘରକୁ ନେବ, ସେ ମାତ୍ର ଗୋଟିଏ ଦିନ ପାଇଁ ନେଇପାରିବ । ସକାଳୁ ନେବ କିନ୍ତୁ ତାକୁ ସନ୍ଧ୍ୟାରେ ନିଶ୍ଚୟ ଫେରାଇବାକୁ ପଡ଼ିବ । ବହୁ ବ୍ୟକ୍ତି କାର୍ଯ୍ୟ ସହଜ ମନେ ହେଉଥିବା ଜାଣି, ପ୍ରତିଯୋଗିତାର ଆହ୍ୱାନକୁ ଗ୍ରହଣ କରିବାକୁ ରାଜାଙ୍କ ନିକଟରେ ଧାଡ଼ି ଲଗାଇଲେ । ସେମାନେ ଜଣକ ପରେ ଜଣେ ଛେଳିଟିକୁ ଗୃହକୁ ଗୋଟିଏ ଦିନ ପାଇଁ ନେଇ, ସାରାଦିନ ସୁନ୍ଦର କଅଁଳ ଘାସ ଓ ନରମ ପତ୍ର ପ୍ରଚୁର ପରିମାଣରେ ଖୁଆଇ, ସନ୍ଧ୍ୟାରେ ଦୃଢ଼ ବିଶ୍ୱାସର ସହ ଆଣି ରାଜାଙ୍କୁ ଅବଗତ କରି ଦିଅନ୍ତି ଯେ ଛେଳିର ଉଦର ପୂର୍ତ୍ତି ଅଛି । କିନ୍ତୁ ରାଜା ପରୀକ୍ଷା କରିବା ନିମନ୍ତେ ଯେତେବେଳେ ସବୁଜ ପତ୍ର ତାକୁ ବଢ଼ାଇ ଦିଅନ୍ତି, ଛେଳିଟି କ୍ଷୀପ୍ର ଗତିରେ ସେ ଉତ୍ତମ ଭୋଜନ ନିକଟକୁ ଚାଲିଆସେ ଏବଂ ଅତି କ୍ଷୁଧାର୍ତ୍ତ ଥିଲା ପରି ତାକୁ ଖାଇବାରେ ଲାଗେ । ଏହାପରେ ଗୋଟିଏ ତୁରୀ ବାଜେ ଏବଂ ରାଜା ଘୋଷଣା କରନ୍ତି ଯେ ଛେଳି ଏବେବି ଭୋକିଲା ଅଛି । ଠିକ୍ ତା'ପରେ ଲଜ୍ଜିତ ପ୍ରତିଯୋଗୀଗଣ ନିଜ ନିଜ ଗୃହକୁ ଫେରିଯା'ନ୍ତି । ଏହିପରି ଭାବେ ଦୈନିକ ରାଜଦରବାରରେ ଛେଳି ପ୍ରସଙ୍ଗରେ ଅଭିନବ ଘଟଣାବଳୀ ଦେଖିବାକୁ ମିଳିଲା । ଶେଷରେ ଜଣେ ବୁଦ୍ଧିମାନ୍ ବ୍ୟକ୍ତି ଏ ସମସ୍ୟାଟିର ଗୋଟିଏ ସମାଧାନ ଚିନ୍ତାକଲେ। ସେ ରାଜାଙ୍କୁ ଭେଟି କହିଲେ ଯେ ସେ ଛେଳିଟିକୁ ଗୋଟିଏ ମାସ ତାଙ୍କ ନିକଟରେ ରଖିବାକୁ ଚାହାଁନ୍ତି, କାରଣ ସେ ଅନୁଭବ କଲେ ଯେ କେବଳ ଗୋଟିଏ ଦିନ ରଖିବାଦ୍ୱାରା ଛେଳିର ପରିବର୍ତ୍ତନ ସମ୍ଭବ ହେବନାହିଁ । ସମ୍ଭାବ୍ୟତା ଦୃଷ୍ଟିରୁ ରାଜା ସେ ପ୍ରସ୍ତାବରେ ରାଜି ହୋଇଗଲେ । ତେଣୁ ସେହି ବ୍ୟକ୍ତି ଛେଳିଟିକୁ ତାଙ୍କ ଗୃହକୁ ନେଇ ଭଲ ଭାବରେ ଖୁଆଇଲେ, ଛେଳିଟି ତା' ଖାଦ୍ୟ ଖାଇସାରିବା ପରେ ତା' ସମ୍ମୁଖରେ ପୁଣି କିଛି କଅଁଳ ପତ୍ର ଆଣି ଦେଖାଇବା ସଙ୍ଗେ ସଙ୍ଗେ ସେ ପୁଣି ତାହା ଖାଇବାକୁ ଚେଷ୍ଟା କରନ୍ତେ, ବ୍ୟକ୍ତି ଜଣକ ଗୋଟିଏ ବାଡ଼ିରେ ତା' ମୁହଁକୁ ପାହାରେ ପିଟିଦେଲେ । ଛେଳିଟି ଖାଦ୍ୟରୁ ନିବୃତ୍ତ ରହି ଦୂରକୁ ଚାଲିଗଲା । ଏହିପରି ଅଭ୍ୟାସ ବାରମ୍ବାର ଚାଲୁ ରଖୁବା ଦ୍ୱାରା, କିଛିଦିନ ପରେ ଛେଳିଟି ଶୃଙ୍ଖଳିତ ହୋଇଗଲା ଏବଂ ନିଜର ସମ୍ପୂର୍ଣ୍ଣ ଖାଦ୍ୟ ଖାଇସାରିବା ପରେ ସବୁଜ ପତ୍ର ଦେଖାଇଲେ ସୁଦ୍ଧା ତାହା ଖାଇବାକୁ ଗଲାନାହିଁ ।

ମାସ ଶେଷରେ ବ୍ୟକ୍ତି ଜଣକ ଛେଳିଟିକୁ ଧରି ରାଜାଙ୍କ ପ୍ରାସାଦକୁ ଗଲେ ଏବଂ ନିଜକୁ ଆନନ୍ଦିତ କରି ରାଜା ଆବିଷ୍କାର କଲେ ଯେ ଏହିଥର ହିଁ ଛେଳିଟି ତା'ର ପେଟ ଭର୍ତି ଖାଦ୍ୟ ଖାଇଛି । ରାଜା ତାକୁ ଯେତେ ଯାଚିଲେ ମଧ୍ୟ ସେ ଖାଇଲା ନାହିଁ । ଶେଷରେ ରାଜା ତାଙ୍କ ସମସ୍ୟାର ସମାଧାନ କରି ପାରିଲେ ଏବଂ ସେ ବୁଦ୍ଧିଆ ବ୍ୟକ୍ତି ଜଣକ ମଧ୍ୟ ତାଙ୍କର ଉଚିତ୍ ପୁରସ୍କାର ପାଇଲେ ।

**ମର୍ମବାଣୀ:** ଆମର ଇନ୍ଦ୍ରିୟ ଓ ମନ କେବେହେଲେ ସନ୍ତୁଷ୍ଟ ନୁହଁନ୍ତି । ତେଣୁ ସେମାନଙ୍କୁ ଶୃଙ୍ଖଳିତ କରିବାକୁ ପଡ଼ିବ । ତୁମେ ଯେତେ ଅଗ୍ନିରେ କାଷ୍ଠ ସଂଯୋଗ କରିବ, ତାହା ଅଗ୍ନିକୁ ଅଧିକ ପ୍ରଜ୍ୱଳିତ କରିବ । ଯେତେ ଅଧିକ କାଷ୍ଠ ସଂଯୋଗ କରାଯିବ, ସେତେ ଅଧିକ ଉଚ୍ଚରେ ଅଗ୍ନି ଜଳି ଉଠିବ । ଏହାକୁ ନିର୍ବାପିତ କରିବା କଷ୍ଟସାଧ୍ୟ । ଆମେ ଯଦି ଆମ ଇନ୍ଦ୍ରିୟ-ସୁଖରେ ଦିନରାତି ନିବିଷ୍ଟ ରହିବା, ତେବେ ସେ ଛେଳିପରି ହୋଇଯିବା । ତେଣୁ ନିଜର ଇନ୍ଦ୍ରିୟ ଓ ମନକୁ ଶୃଙ୍ଖଳିତ କରିବାକୁ ପଡ଼ିବ । ନଚେତ୍ ଆମେ ନିଜକୁ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ ବୋଲି ବିବେଚନା କରିବା ନିରର୍ଥକ ହେବ ।


ପାର୍ବତୀପୁର, ପୁରୀ
୯୦୯୦୧୭୨୧୬୭


# ଅର୍ଶ



ଡାକ୍ତର ତପନ କୁମାର ନାୟକ

**ଅର୍ଶ କିମ୍ବା ପାଇଲ୍ସ ହେଉଛି ଗୁଦମାର୍ଗ ଓ ଗୁଦଦ୍ୱାରରେ ଥିବା ସିରା ଗୁଡିକର ସ୍ଫୀତୀ ଓ ମାଂସପିଣ୍ଡ ସୃଷ୍ଟିହେବାର ଏକ ରୋଗ। ଆୟୁର୍ବେଦରେ ଏହାକୁ ଅର୍ଶ ବୋଲି କୁହାଯାଏ, ଯାହା ଶରୀରକୁ ଶତୃ ସଦୃଶ କଷ୍ଟ ଦେଇଥାଏ ଓ ଗୁଦମାର୍ଗ କୁ ଅବରୋଧ କରିଥାଏ।**

**ସଂଜ୍ଞା:**

ଗୁଦମାର୍ଗ ରେ ଦୋଷଦୁଷ୍ଟି ହୋଇ ମାଂସାଙ୍କୁର (ମାଂସପିଣ୍ଡ) ଉତ୍ପନ୍ନ ହୋଇଥାଏ ଯାହା ରୋଗୀକୁ ତୀବ୍ର ବେଦନା ଦେଇଥାଏ। ତାହାକୁ ଅର୍ଶରୋଗ ବୋଲି କୁହାଯାଏ।

**ପ୍ରକାର: ଦୋଷ ଅନୁସାରେ-**

୧) ବାତଜ ଅର୍ଶ - କଠିନ, ଶୁଷ୍କ, ବେଦନାଯୁକ୍ତ
୨) ପିତ୍ତଜ ଅର୍ଶ- ରକ୍ତସ୍ରାବ, ଲାଲ ବର୍ଣ୍ଣ, ଜ୍ୱଳନ
୩) କଫଜ ଅର୍ଶ- ଆକାର ରେ ବଡ,ମୃଦୁ,ଧଳା ବର୍ଣ୍ଣ
୪) ସନ୍ନିପାତଜ ଅର୍ଶ- ତିନୋଟି ଦୋଷ ର ମିଶ୍ରଣ
୫) ରକ୍ତଜ ଅର୍ଶ - ରକ୍ତସ୍ରାବ ପ୍ରଧାନ
୬) ସଜହ ଅର୍ଶ- ଜନ୍ମ ଜାତ

**ସ୍ୱଭାବ ଅନୁସାରେ:**

୧) ଶୁଷ୍କ ଅର୍ଶ
୨) ସ୍ରାବୀ ଅର୍ଶ

**କାରଣ:**

- ଦୀର୍ଘ ସମୟ ଧରି କୋଷ୍ଠକାଠିନ୍ୟ
- ମଳ ବିସର୍ଜନ ରୋକିବାର ଅଭ୍ୟାସ
- ଅନିୟମିତ ଖାଦ୍ୟ ଓ ଜୀବନଶୈଳୀ
- ଅତ୍ୟଧିକ ତୀକ୍ଷ୍ଣ, ଅମ୍ଳ ଓ ଶୁଷ୍କ ଖାଦ୍ୟ ସେବନ
- ମନ୍ଦାଗ୍ନୀ (ଦୁର୍ବଳ ପାଚନ ଶକ୍ତି)
- ଅପାନ ବାୟୁର ବିକୃତି

**ରୋଗ ଉତ୍ପତ୍ତି:**

(ଦୋଷ, ପିତ୍ତ, କଫ) ଦୁଷ୍ଟ ହୋଇ ବିକ, ମାଂସ ଓ ମେଦକୁ ପ୍ରଭାବିତ କରି ଗୁଦମାର୍ଗ ରେ ମାଂସାଙ୍କୁର ସୃଷ୍ଟି କରେ, ଯାହା ପରବର୍ତ୍ତୀ କାଳରେ ଅର୍ଶ ରୂପରେ ପ୍ରକାଶ ପାଏ।

**ଲକ୍ଷଣ:**

* ଗୁଦଦ୍ୱାର ରେ ମାଂସାଙ୍କୁର
* ମଳତ୍ଯାଗ ସମୟରେ ବେଦନା ଓ ଅସୁବିଧା
* ମଳତ୍ଯାଗ ସମୟରେ ରକ୍ତସ୍ରାବ
* ଜ୍ଜଳନ(ମଳଦ୍ଵାର ରେ)
* କଠିନ ମଳ
* ଅଜୀର୍ଣ୍ଣ ଓ ଆମ

**ଚିକିତ୍ସା:**

ଆୟୁର୍ବେଦରେ ଅର୍ଶର ଚାରି ପ୍ରକାର ଚିକିତ୍ସା ବର୍ଣ୍ଣିତ ଅଛି।

* ଔଷଧ ଚିକିତ୍ସା
* କ୍ଷାର କର୍ମ
* ଅଗ୍ନି କର୍ମ
* ଶସ୍ତ୍ର କର୍ମ

**ପଥ୍ୟା- ପଥ୍ୟ**

ପଥ୍ୟ:

* ତରଳ ଓ ଫାଇବର/ତନ୍ତୁ ଯୁକ୍ତ ଖାଦ୍ୟ
* Buttermilk ସେବନ
* ସବୁଜ ପନିପରିବା ଓ ଫଳ
* ପର୍ଯ୍ୟାପ୍ତ ପରିମାଣରେ ଜଳ ସେବନ

ଅପଥ୍ୟ:

* ଜଙ୍କ ଫୁଡ
* ତେଲିଆ ଖାଦ୍ୟ
* ଦୀର୍ଘ ସମୟ ବସିରହିବା
* କବଜ କୁ ଅବହେଳା

ଅର୍ଶ ଏକ ସାଧାରଣ କିନ୍ତୁ ଦୀର୍ଘକାଳୀନ ରୋଗ ମୁଖ୍ଯତଃ ଜୀବନଶୈଳୀ ସହିତ ସମ୍ବନ୍ଧିତ। ସଠିକ ଖାଦ୍ୟ, ନିୟମିତ ଜୀବନଶୈଳୀ ଓ ଆୟୁର୍ବେଦୀୟ ଚିକିତ୍ସା ଦ୍ୱାରା ଏହାକୁ ନିୟନ୍ତ୍ରଣ ଓ ସୁସ୍ଥ କରାଯାଇପାରେ।


ଅଧ୍ୟାପକ ,ଏମ. ଏସ . ଆୟୁ (ଆଇ ,ଏମ. ଏସ .ବିଏଚ. ୟୁ ), ଗୋପାବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ.ପୁରୀ


## ।। ଓଁ ଶ୍ରୀ ଦୁର୍ଗାମାଧବାଭ୍ୟାଂ ନମଃ ।।



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରୀପାଠୀ ଶର୍ମା**
ଶ୍ରୀ ଲୋକନାଥ ରୋଡ, ହାତୀଶାଳ
ପୁରୀ : ୭୯୭୮୪୬୪୬୩୯



**ମେଷ ରାଶି:** ଏହି ମାସଟି ଆପଣଙ୍କର ଶୁଭଦାୟକ ରହିବ। ଦେହ ପ୍ରାୟତଃ ସୁସ୍ଥ ରହିବ। ଆୟ ବ୍ୟୟ ସମାନ ରହିବ। ପାରିବାରିକ ଜୀବନରେ ଖୁସି ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ମଧ୍ୟମଫଳ ପାଇବେ।

**ବୃଷ ରାଶି:** ଏହି ମାସଟି ଆପଣଙ୍କର ସାମାନ୍ୟ ସମସ୍ୟା ଦେଖାଦେବ। ଦେହ ପୀଡା ଦେଖାଦେଇପାରେ। ଆୟ ଭଲ ହେବ। ପାରିବାରିକ ଜୀବନରେ ମତାନ୍ତର ହୋଇପାରେ। ବ୍ୟବସାୟରେ ଅଳ୍ପ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ମନଯୋଗ ଦେବେନାହିଁ।

**ମିଥୁନ ରାଶି:** ଏହି ମାସଟି ଆପଣଙ୍କର ମଧ୍ୟମ ଶୁଭଦାୟକ ରହିବ। ଶରୀରରେ ଅସୁସ୍ଥତା ଦେଖାଦେଇପାରେ। ଆୟ ସାମାନ୍ୟ ରହିବ। ପାରିବାରିକ ଜୀବନ ହସଖୁସିରେ କାଟିବେ। ବ୍ୟବସାୟରେ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ।

**କର୍କଟ ରାଶି:**ଏହି ମାସଟି ଆପଣଙ୍କର ଶୁଭଦାୟକ ରହିବ। କିଛି ଶାରୀରିକ ଅସୁସ୍ଥତା ହୋଇପାରେ। ଆୟ ଅତ୍ୟୋତ୍ତମ ରହିବ। ପାରିବାରିକ ଜୀବନରେ ଆନନ୍ଦ ରହିବ। ବ୍ୟବସାୟରେ ଲାଭବାନ ହେବେ। ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ ।

**ସିଂହ ରାଶି:** ଏହି ମାସଟି ଆପଣଙ୍କର ସାମାନ୍ୟ ଶୁଭଦାୟକ ରହିବ। ଦେହ ଭଲ ରହିବ। ଆୟ ମଧ୍ୟମ ଧରଣର ରହିବ। ପାରିବାରିକ ଜୀବନରେ ଖୁସି ରହିଛି। ବ୍ୟବସାୟରେ ସାମାନ୍ୟ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ।

**କନ୍ୟା ରାଶି :** ଏହି ମାସଟି ଆପଣଙ୍କର ଫଳ ସେତେ ଶୁଭଦାୟକ ନୁହେଁ । ଦେହ ସୁସ୍ଥ ରହିବ। ଆୟ ଠାରୁ ବ୍ୟୟ ଅଧିକ ହୋଇପାରେ। ପାରିବାରିକ ଜୀବନରେ ଅଶାନ୍ତି ହୋଇପାରେ। ବ୍ୟବସାୟରେ କ୍ଷତି ହୋଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ସଫଳ ହେବେ।

**ତୁଳା ରାଶି:** ଏହି ମାସଟି ଆପଣଙ୍କର ମିଶ୍ରିତ ଫଳଦାୟକ ରହିବ। ଦେହ ପ୍ରାୟତଃ ସୁସ୍ଥ ରହିବ। ଆୟ ଅଳ୍ପ ହେବ । ପାରିବାରିକ ଜୀବନରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ଅଳ୍ପ ଲାଭ। ବିଦ୍ୟାର୍ଥୀମାନେ ପଢ଼ାରେ କମ ମନଯୋଗ ଦେବେ।

**ବିଛା ରାଶି:** ଏହି ମାସଟି ଆପଣଙ୍କର ଅଶୁଭଦାୟକ ହୋଇପାରେ। ଦେହ ଭଲ ରହିବ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ପାରିବାରିକ ଜୀବନରେ ଆଶାନ୍ତି ହୋଇପାରେ। ବ୍ୟବସାୟରେ କ୍ଷତି ହୋଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ମନଦେବେନାହିଁ।

**ଧନୁ ରାଶି:** ଏହି ମାସଟି ଆପଣଙ୍କର ସେତେ ଶୁଭ ନୁହେଁ। ଦେହ ଅସୁସ୍ଥ ହୋଇପାରେ। ଆୟ ଉତ୍ତମ ହେବ। ପାରିବାରିକ ଜୀବନରେ ସେତେ ଖୁସି ରହିବ ନାହିଁ । ବ୍ୟବସାୟରେ ସାମାନ୍ୟ ଲାଭ ମିଳିବ। ବିଦ୍ୟାର୍ଥୀମାନେ ପଢ଼ାରେ ଚଞ୍ଚଳ ରହିବେ।

**ମକର ରାଶି :** ଏହି ମାସଟି ଆପଣଙ୍କର ମଧ୍ୟମ ଶୁଭଦାୟକ ରହିବ। ଦେହପୀଡ଼ା ହୋଇପାରେ। ଆୟ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ଆନନ୍ଦଦାୟକ ରହିବ। ବ୍ୟବସାୟରେ ଲାଭ କ୍ଷତି ସମାନ ରହିବ । ବିଦ୍ୟାର୍ଥୀମାନେ ପଢ଼ାରେ ଉତ୍ତମ ଫଳ ପାଇବେ।

**କୁମ୍ଭ ରାଶି:** ଏହି ମାସଟି ଆପଣଙ୍କର ସାମାନ୍ୟ ଶୁଭଦାୟକ ରହିବ। ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ଆୟ ମଧ୍ୟମ ଧରଣର ରହିବ। ପାରିବାରିକ ଜୀବନରେ ଅଶାନ୍ତି ହୋଇପାରେ। ବ୍ୟବସାୟରେ କ୍ଷତି ହୋଇପାରେ। ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରି ଆଗେଇବେ।

**ମୀନ ରାଶି:** ଏହି ମାସଟି ଆପଣଙ୍କର ଶୁଭଦାୟକ ରହିଛି। ଶରୀରରେ କିଛି ଅସୁସ୍ଥତା ହୋଇପାରେ। ଆୟ ଉତ୍ତମ ହେବ। ପାରିବାରିକ ଜୀବନ ଖୁସିରେ କାଟିବେ। ବ୍ୟବସାୟରେ ଲାଭବାନ ହେବେ। ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ।





# ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ ପଣ୍ଡ



**ସିକ୍ରେଟ୍ ସର୍ଭିସ୍ ଦ୍ୱାରା ସଶସ୍ତ୍ର ଅଭିଯୁକ୍ତ କାବୁ**

**ବିଶ୍ୱ ନେତାଙ୍କ କଡ଼ା ନିନ୍ଦା**

**ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ: ମୋଦୀ**

ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଆଉ ଏକ ହତ୍ୟା ଉଦ୍ୟମ ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରିଛି। ୱାସିଂଟନର ହିଲଟନ୍ ହୋଟେଲ୍‌ରେ ଗତରାତିରେ ଆୟୋଜିତ ହ୍ୱାଇଟ୍‌ହାଉସ୍ ସାମ୍ବାଦିକ ସଙ୍ଘ ନୈଶଭୋଜି ଅବସରରେ ଏହି ଗୁଳିକାଣ୍ଡ ଘଟିଛି। ସୁରକ୍ଷା ବ୍ୟବସ୍ଥା ଭେଦ ଯୋଗୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ତୁରନ୍ତ ସେଠାରୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଏହି ଉଦ୍‌ବେଗଜନକ ଘଟଣା ଆମେରିକାର ନେତୃତ୍ୱ ପ୍ରତି ବଢ଼ୁଥିବା ବିପଦ ଏବଂ ରାଜନୈତିକ ଅସ୍ଥିରତାକୁ ଦର୍ଶାଉଛି। ୱାସିଂଟନ୍ ହିଲଟନ୍‌ର ଏହି ଘଟଣା ୧୯୮୧ ମସିହାରେ ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ଉପରେ ହୋଇଥିବା ହତ୍ୟା ଉଦ୍ୟମର ସ୍ମୃତିକୁ ପୁଣି ତାଜା କରିଦେଇଛି।

ସ୍ଥାନୀୟ ସମୟ ରାତି ପ୍ରାୟ ୮ଟା ୪୦ (ଭାରତୀୟ ସମୟ ସକାଳ ୬ଟା ୧୦)ରେ ଯେତେବେଳେ ରାଷ୍ଟ୍ରପତି ନିଜର ଅଭିଭାଷଣ ଆରମ୍ଭ କରିବାକୁ ଯାଉଥିଲେ, ହୋଟେଲ୍ ବାହାରେ ଥିବା ମୁଖ୍ୟ ସୁରକ୍ଷା ଯାଞ୍ଚ କେନ୍ଦ୍ର ନିକଟରେ ପ୍ରାୟ ୫ ରୁ ୮ ଥର ଗୁଳି ଫୁଟିବା ଶବ୍ଦ ଶୁଣାଯାଇଥିଲା। ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟମାନେ ତତ୍‌କ୍ଷଣାତ୍ ରାଷ୍ଟ୍ରପତି ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଘେରି ଯାଇଥିଲେ। ସେମାନଙ୍କୁ ଶାରୀରିକ ସୁରକ୍ଷା ପ୍ରଦାନ କରିବା ସହ ତୁରନ୍ତ ହୋଟେଲ୍ ଭିତରେ ଥିବା ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା।

ବଲ୍‌ରୁମ୍ ଭିତରେ ବହୁ ସଂଖ୍ୟାରେ ଅତିଥି, ଯେଉଁଥିରେ କ୍ୟାବିନେଟ୍ ସଦସ୍ୟ ଏବଂ ପ୍ରତିଷ୍ଠିତ ସାମ୍ବାଦିକମାନେ ଥିଲେ, ସେମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସୁରକ୍ଷା କର୍ମୀମାନେ ସମସ୍ତଙ୍କୁ ଟେବୁଲ୍ ତଳେ ଶୋଇଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଆକ୍ରମଣକାରୀ ନାମ କୋଲ୍ ଟୋମାସ୍ ଆଲେନ୍ (୩୧) ବୋଲି ଜଣାପଡ଼ିଛି ଏବଂ ସେ କାଲିଫର୍ଣ୍ଣିଆ ଟୋରାନ୍ସର ବାସିନ୍ଦା। ଆଲେନ୍ ଜଣେ ମେକାନିକାଲ୍ ଇଞ୍ଜିନିୟର ଏବଂ ସେ ଏକାଧିକ ମାରାତ୍ମକ ଅସ୍ତ୍ରଶସ୍ତ୍ର ସହ ସୁରକ୍ଷା ବଳୟ ଭେଦ କରିବାକୁ ଚେଷ୍ଟା କରୁଥିଲା। ଟ୍ରମ୍ପ ନିଜର 'ଟ୍ରୁଥ୍ ସୋସିଆଲ୍' ଆକାଉଣ୍ଟରେ ଅଭିଯୁକ୍ତର କିଛି ଫଟୋ ଏବଂ ସିସିଟିଭି ଫୁଟେଜ୍ ସେୟାର କରିଛନ୍ତି, ଯେଉଁଥିରେ ସେ ସୁରକ୍ଷା ଯାଞ୍ଚ କେନ୍ଦ୍ର ଆଡ଼କୁ ଦୌଡ଼ୁଥିବା ଦେଖାଯାଉଛି।

ଏହି ସଂଘର୍ଷ ସମୟରେ ଜଣେ ସିକ୍ରେଟ୍ ସର୍ଭିସ୍ ଅଧିକାରୀ ଗୁଳିମାଡ଼ର ଶିକାର ହୋଇଥିଲେ। ସୌଭାଗ୍ୟବଶତଃ, ସେ ପିନ୍ଧିଥିବା ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ଯୋଗୁଁ ତାଙ୍କ ଜୀବନ ରକ୍ଷା ପାଇଯାଇଛି। ଏଫ୍‌ବିଆଇ ନିର୍ଦ୍ଦେଶକ କାଶ୍ ପଟେଲ୍ କହିଛନ୍ତି ଯେ ଅଭିଯୁକ୍ତର ପୃଷ୍ଠଭୂମି ଏବଂ ଏହି ଆକ୍ରମଣ ପଛର ଉଦ୍ଦେଶ୍ୟ ଜାଣିବା ପାଇଁ ଖୋଳତାଡ଼ ଜାରି ରହିଛି। ଅଭିଯୁକ୍ତ ଆଲେନ୍ ବିରୋଧରେ ରାଷ୍ଟ୍ରପତିଙ୍କୁ ହତ୍ୟା ଉଦ୍ୟମ ଏବଂ ସଂଘୀୟ ଅଧିକାରୀଙ୍କ ଉପରେ ଆକ୍ରମଣ ଭଳି ଗୁରୁତର ଧାରାରେ ମାମଲା ରୁଜୁ କରାଯାଇଛି।

ଏହି ଘଟଣା ପରେ ଏକ ସ୍ୱତନ୍ତ୍ର ଗଣମାଧ୍ୟମ ବିବୃତିରେ ରାଷ୍ଟ୍ରପତି ଟ୍ରମ୍ପ ଅଭିଯୁକ୍ତକୁ ଜଣେ ରୁଗ୍‌ଣ ମାନସିକତାର ବ୍ୟକ୍ତି ଏବଂ 'ଲୋନ୍ ଉଲ୍‌ଫ' (ଏକାକୀ ଆକ୍ରମଣକାରୀ) ବୋଲି ସମ୍ବୋଧନ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ଆଗକୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଅଧିକ କଡ଼ାକଡ଼ି କରାଯିବ କିନ୍ତୁ ହ୍ୱାଇଟ ହାଉସ୍‌ର ସ୍ୱାଭାବିକ କାର୍ଯ୍ୟକ୍ରମଗୁଡ଼ିକୁ ବନ୍ଦ କରାଯିବ ନାହିଁ। ଏହି ଡିନର ପାର୍ଟିକୁ ପୁଣିଥରେ ଆୟୋଜନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣା ପରେ ସମଗ୍ର ବିଶ୍ୱରୁ ପ୍ରତିକ୍ରିୟା ମିଳିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ଏବଂ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେନ୍‌ବାଉମ୍ ପ୍ରମୁଖ ଏହି ଆକ୍ରମଣକୁ କଠୋର ଭାଷାରେ ନିନ୍ଦା କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ସୁରକ୍ଷିତ ଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ଆଶ୍ୱସ୍ତି ପ୍ରକାଶ କରିବା ସହ ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ବୋଲି କହିଛନ୍ତି।

# ରାଉରକେଲାରେ ପ୍ଲାନେଟରିୟମ୍ ଓ ବିଜ୍ଞାନ କେନ୍ଦ୍ର ଉଦଘାଟନ କଲେ ରାଷ୍ଟ୍ରପତି



ରାଉରକେଲା: ରାଉରକେଲାଠାରେ ଆୟୋଜିତ ସାର୍ବଜନୀନ କାର୍ଯ୍ୟକ୍ରମରେ ଏକ ପ୍ଲାନେଟରିୟମ୍ ଏବଂ ବିଜ୍ଞାନ କେନ୍ଦ୍ର ସହିତ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଉଦଘାଟନ କରିଛନ୍ତି । ପରେ, ରାଷ୍ଟ୍ରପତି ରାଉରକେଲାରେ ଜନଜାତି ସଂଗ୍ରହାଳୟ ଏବଂ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ଉଦଘାଟନ କରିଥିଲେ ।

ଏହି ଅବସରରେ ଆୟୋଜିତ ଏକ ଜନସଭାରେ ରାଷ୍ଟ୍ରପତି କହିଥିଲେ, ସୁନ୍ଦରଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ, ଲୋକ ସଂସ୍କୃତି ଓ ଐତିହ୍ୟରେ ଏକ ଗଭୀର ଆକର୍ଷଣ ରହିଛି । ଏହାର ଘଞ୍ଚ ଜଙ୍ଗଲ, ପର୍ବତ, ଜଳପ୍ରପାତ ଏବଂ ନଦୀଗୁଡ଼ିକ ମଧ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥାଏ। ସୁନ୍ଦରଗଡ଼ର କଳା ଓ ସଂସ୍କୃତି ଓଡ଼ିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟକୁ ଆହୁରି ସମୃଦ୍ଧ କରିଛି । ସୁନ୍ଦରଗଡ଼ ସାହସୀ ବ୍ୟକ୍ତି ଏବଂ କ୍ରୀଡ଼ା ପ୍ରେମୀଙ୍କ ଭୂମି ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ ।

ରାଷ୍ଟ୍ରପତି କହିଥିଲେ, ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳର ଲୋକମାନେ ନିଯୁକ୍ତି ଓ ଜୀବିକା ପାଇଁ ରାଉରକେଲାରେ ବସବାସ କରନ୍ତି। ଏହି ବିଶ୍ୱସ୍ତରୀୟ ସହର ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଜନଜାତି ପରମ୍ପରା ଓ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

ରାଷ୍ଟ୍ରପତି କହିଥିଲେ, ସମାଜର ପ୍ରତ୍ୟେକ ବର୍ଗର ବିକାଶ ଦ୍ୱାରା ହିଁ ଦେଶର ବିକାଶ ସମ୍ଭବ । ଏହି ଚିନ୍ତାଧାରା ନେଇ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନାରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ଏହା ସୁନ୍ଦରଗଡ଼ ଭଳି ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କର ଆର୍ଥିକ ଉନ୍ନତିକୁ ପ୍ରାଥମିକତା ଦେଉଛି ।

ରାଷ୍ଟ୍ରପତି ଦେଶ ବିକାଶରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ଆଗକୁ ବଢ଼ିବା ଏବଂ ଅନ୍ୟମାନଙ୍କୁ ଆଗକୁ ବଢ଼ିବାରେ ସହାୟତା କରିବା ପାଇଁ ସାହାଯ୍ୟର ହାତ ବଢ଼ାଇବାକୁ ସେମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଏଥିସହିତ ଭଲ ମଣିଷ ହେବା ଏବଂ ପଛରେ ପଡ଼ିଯାଇଥିବା ଲୋକଙ୍କୁ ଉନ୍ନତ କରିବା ଲାଗି ପ୍ରୟାସ କରିବାକୁ ରାଷ୍ଟ୍ରପତି ଆହ୍ୱାନ କରିଥିଲେ ।

ରାଷ୍ଟ୍ରପତି କହିଥିଲେ, ଆମ ଦେଶ ୨୦୪୭ ମସିହା ସ୍ୱାଧୀନତାର ଶତବାର୍ଷିକୀ ବର୍ଷ ସୁଦ୍ଧା ବିକଶିତ ଭାରତ ହେବା ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି। ସେହିପରି ୨୦୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନର ଶହେ ବର୍ଷ ପୂରଣ ହେବ। ଏକ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ, ସର୍ବାଙ୍ଗୀଣ ବିକାଶ ଏବଂ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ଭାଗୀଦାରୀ ଅତ୍ୟନ୍ତ ଜରୁରୀ । ଦେଶର ଚାଷୀ, ଶ୍ରମିକ, ଜନଜାତି ସମ୍ପ୍ରଦାୟ, ଅବହେଳିତ ବର୍ଗ, ବୁଦ୍ଧିଜୀବୀ, ଯୁବ ଓ ଛାତ୍ର ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସାମୂହିକ ପ୍ରୟାସ ଏବଂ ସମର୍ପଣ ଦ୍ୱାରା ହିଁ ବିକଶିତ ଭାରତ ଗଠନ ସମ୍ଭବ ହେବ ବୋଲି ସେ କହିଥିଲେ ।

# 'ଆତଙ୍କବାଦୀଙ୍କ ପେଣ୍ଠ ଆଉ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବନି'

## ଏସ୍‌ସିଓ ସମ୍ମିଳନୀରେ ପାକିସ୍ତାନକୁ ଇଙ୍ଗିତ କରି କହିଲେ ରାଜନାଥ



ନୂଆଦିଲ୍ଲୀ: ମଙ୍ଗଳବାର କିର୍ଗିଜସ୍ତାନର ବିସ୍‌କେକ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ପ୍ରତିରକ୍ଷା ମନ୍ତ୍ରୀଙ୍କ ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆତଙ୍କବାଦ ଉପରେ କଡ଼ା ବାର୍ତ୍ତା ଦେଇଛନ୍ତି। ଏପ୍ରିଲ ୨୨ ପହଲଗାମ ଆକ୍ରମଣ ବିଷୟରେ ଉଲ୍ଲେଖ କରି ରାଜନାଥ କହିଛନ୍ତି ଯେ, ଏହି ଘଟଣା ସମଗ୍ର ମାନବିକତାକୁ ଦୋହଲାଇ ଦେଇଛି ଏବଂ ଭାରତ ଏହାର ଦୃଢ଼ ଜବାବ ଦେଇଛି। ସେ କହିଛନ୍ତି, ଅପରେସନ୍ ସିନ୍ଦୂର ସମୟରେ ଆମେ ଦର୍ଶାଇଛୁ ଯେ ଆତଙ୍କବାଦର ପେଣ୍ଠ ଆଉ ଦୃଢ଼ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିପାରିବନି।

ପାକିସ୍ତାନର ନାଁ ନ ନେଇ ରାଜନାଥ ରାଜନାଥ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଉଗ୍ରବାଦ ବିରୋଧରେ ଏକ ନିରନ୍ତର ଓ ସାଲିସରହିତ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଏସ୍‌ସିଓର ତିଆନଜିନ ଘୋଷଣାନାମାକୁ ମନେ ପକାଇଥିଲେ, ଯାହା ଆତଙ୍କବାଦର ମୁକାବିଲା ପାଇଁ ଏକ ସାମୂହିକ ପ୍ରତିବଦ୍ଧତାକୁ ଦୋହରାଇଥିଲା। ସିଂହ କହିଛନ୍ତି ଯେ ବାରମ୍ବାର ସଂଘର୍ଷ ଓ ଜୀବନହାନି ଦ୍ୱାରା ବିଶ୍ୱ ଅଦୃଶ୍ୟ ସଙ୍କଟର ସମ୍ମୁଖୀନ ହେଉଛି। ନିୟମ ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ଦୁର୍ବଳ କରିବା ପାଇଁ ଉଦ୍ୟମ ବିରୋଧରେ ସେ ଚେତାବନୀ ଦେଇ ଦର୍ଶାଇଛନ୍ତି ଯେ ପ୍ରକୃତ ସଙ୍କଟ ବିଶ୍ୱସ୍ତରୀୟ ଢାଞ୍ଚାର ଅନୁପସ୍ଥିତି ପରିବର୍ତ୍ତେ ପ୍ରତିଷ୍ଠିତ ମାନଦଣ୍ଡ ଉପରେ ପ୍ରଶ୍ନ କରିବାର ପ୍ରବୃତ୍ତି ଉପରେ ନିର୍ଭର କରେ। ଆମକୁ ଏପରି ଏକ ଦୁନିଆ ଦରକାର ଯେଉଁଠାରେ ମତଭେଦ ବିବାଦରେ ପରିଣତ ହେବ ନାହିଁ ଏବଂ ବିବାଦରୁ ବିପର୍ଯ୍ୟୟ ଆସିବ ନାହିଁ। ବିଶ୍ୱ ଜନସଂଖ୍ୟାର ଏକ ବୃହତ୍ ଅଂଶକୁ ପ୍ରତିନିଧିତ୍ୱ କରୁଥିବା ଗୋଷ୍ଠୀ ଭାବରେ ଏସ୍‌ସିଓର ମହତ୍ତ୍ୱ ଉପରେ ଆଲୋକପାତ କରି ସିଂହ କହିଛନ୍ତି ଯେ ଉଭୟ ଆଞ୍ଚଳିକ ଓ ବିଶ୍ୱସ୍ତରରେ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ସଦସ୍ୟ ଦେଶମାନଙ୍କର ଦାୟିତ୍ୱ ରହିଛି।

ରାଜନାଥ କହିଛନ୍ତି ଯେ ଆମେ ଆଲୋଚନା ଓ କୂଟନୀତିର ପଥ ଅନୁସରଣ କରିବା ଆବଶ୍ୟକ ଏବଂ ସବୁବେଳେ ବଳ ପ୍ରୟୋଗ କରିବା ଉଚିତ ନୁହେଁ। ସଦସ୍ୟ ରାଷ୍ଟ୍ରମାନଙ୍କୁ ସ୍ପଷ୍ଟତା ଓ ଏକକ ଉଦ୍ଦେଶ୍ୟ ସହିତ ମିଳିତ ଭାବରେ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଛନ୍ତି। ଆତଙ୍କବାଦୀ ନେଟୱର୍କକୁ ଆଶ୍ରୟ ଦେଉଥିବା କିମ୍ବା ସମର୍ଥନ କରୁଥିବା ଲୋକଙ୍କ ବିରୋଧରେ ଭାରତ ଦୃଢ଼ ଅନ୍ତର୍ଜାତୀୟ ସହଯୋଗ ଓ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ଦେଉଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟ ଆସିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### "ଏକତାର ନୂଆ ସୂର୍ଯ୍ୟୋଦୟ...

ସଭ୍ୟତା ଉପରେ ନୂଆ ଗବେଷଣା ଆରମ୍ଭ ହୋଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସାହିତ୍ୟ ସଂସ୍ଥାମାନେ ଏହି ମିଶନ୍‌କୁ ଏକ ବୌଦ୍ଧିକ ଆନ୍ଦୋଳନର ରୂପ ଦେଇଛନ୍ତି।

ଏହି ମିଶନ୍‌ର ସଫଳତାର ମୂଳରେ ରହିଛି "ସମନ୍ୱୟ"। ଏହା ଦେଖାଇଛି ଯେ, ଅଞ୍ଚଳୀୟ ଗର୍ବ ଓ ଜାତୀୟ ଏକତା ପରସ୍ପର ବିରୋଧୀ ନୁହେଁ। ବରଂ ନିଜର ଐତିହ୍ୟକୁ ସମ୍ମାନ କରିବା ମାଧ୍ୟମରେ ଜାତୀୟ ଏକତାକୁ ଅଧିକ ଶକ୍ତିଶାଳୀ କରାଯାଇପାରେ। "ଅଙ୍ଗ, ବଙ୍ଗ, କଳିଙ୍ଗ" ମିଶନ୍ ସେହି ଉଦାହରଣ ସୃଷ୍ଟି କରିଛି।

ତଥାପି, ଏହି ସଫଳତାକୁ ଅବ୍ୟାହତ ରଖିବା ପାଇଁ କିଛି ଚ୍ୟାଲେଞ୍ଜ ମଧ୍ୟ ରହିଛି। ରାଜନୈତିକ ସ୍ୱାର୍ଥ, ଅଞ୍ଚଳୀୟ ଅସମତା, ପରିବେଶ ଦୂଷଣ ଓ ଅନିୟନ୍ତ୍ରିତ ଶିଳ୍ପାୟନ ଏହି ମିଶନ୍‌ର ଭବିଷ୍ୟତ୍‌କୁ ପ୍ରଭାବିତ କରିପାରେ। ତେଣୁ ଉନ୍ନତି ସହ ପରିବେଶ ସୁରକ୍ଷା, ସାମାଜିକ ନ୍ୟାୟ ଓ ସଂସ୍କୃତିକ ସମ୍ମାନକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ।

ଆଜିର ଯୁବପିଢ଼ୀ ଏହି ମିଶନ୍‌ର ସର୍ବାଧିକ ଶକ୍ତି। ସେମାନଙ୍କ ମଧ୍ୟରେ ନୂତନ ଚେତନା ଓ ସୃଜନଶୀଳତା ଦେଖାଦେଇଛି। ସେମାନେ ଏବେ ନିଜ ମାଟି, ନିଜ ଭାଷା ଓ ନିଜ ସଂସ୍କୃତିକୁ ଗର୍ବର ସହିତ ପରିଚୟ କରୁଛନ୍ତି। ଏହା ଏକ ସୁସ୍ଥ ସମାଜ ଗଢ଼ିବାର ପ୍ରମୁଖ ଚିହ୍ନ।

"ଅଙ୍ଗ, ବଙ୍ଗ, କଳିଙ୍ଗ" ମିଶନ୍‌ର ସଫଳତା ଆମକୁ ଏକ ମହାନ ସନ୍ଦେଶ ଦେଇଛି— ଯେ ସମାଜ ନିଜର ଇତିହାସକୁ ସମ୍ମାନ କରେ, ସେହି ସମାଜ ଭବିଷ୍ୟତ୍‌କୁ ଗଢ଼ିପାରେ। ଆଧୁନିକତା ଓ ପାରମ୍ପରିକତାକୁ ସମନ୍ୱୟ କରି ଉନ୍ନତିର ନୂତନ ମାର୍ଗ ସୃଷ୍ଟି କରାଯାଇପାରେ।

ଆଜି ଆବଶ୍ୟକ ହେଉଛି ଏହି ମିଶନ୍‌କୁ ଏକ ଅଞ୍ଚଳୀୟ ଯୋଜନା ଭାବେ ନୁହେଁ, ବରଂ ଜାତୀୟ ନବଜାଗରଣର ଏକ ମଡେଲ୍ ଭାବେ ଦେଖିବା। ଭାରତର ଅନ୍ୟାନ୍ୟ ଅଞ୍ଚଳ ମଧ୍ୟ ଏହି ମିଶନ୍‌ରୁ ପ୍ରେରଣା ନେଇ ନିଜ ଐତିହ୍ୟ ଓ ସଂସ୍କୃତିକୁ ଆଧାର କରି ଉନ୍ନତିର ନୂଆ ପଥ ଖୋଜିପାରନ୍ତି।

ଶେଷରେ କୁହାଯାଇପାରେ ଯେ, "ଅଙ୍ଗ, ବଙ୍ଗ, କଳିଙ୍ଗ" ମିଶନ୍ କେବଳ ଏକ ଯୋଜନାର ସଫଳତା ନୁହେଁ; ଏହା ପୂର୍ବ ଭାରତର ଆତ୍ମାର ପୁନର୍ଜାଗରଣ। ଏହା ହେଉଛି ଏକ ନୂତନ ସୂର୍ଯ୍ୟୋଦୟ, ଯାହା ଏକତା, ସଂସ୍କୃତି, ସମୃଦ୍ଧି ଓ ମାନବୀୟ ସମନ୍ୱୟର ଆଲୋକରେ ସମଗ୍ର ଭାରତକୁ ଉଜ୍ଜ୍ୱଳ କରିବାର କ୍ଷମତା ରଖେ।

ପୂର୍ବ ଭାରତର ଏହି ଐତିହାସିକ ଅଭିଯାନ ଆଗାମୀ ଦିନରେ ଭାରତୀୟ ଏକତାର ଏକ ନୂତନ ଅଧ୍ୟାୟ ରଚନା କରିବ— ଏହା ହେଉଛି ଆମ ସମସ୍ତଙ୍କର ଆଶା ଓ ବିଶ୍ୱାସ।

### ଶ୍ରୀମନ୍ଦିରରେ...

ସମାପନ ହେବାପରେ ପାଣି ପଡ଼ି ଘ.୪.୨୫ମି ସୁଦ୍ଧା ବନ୍ଦାପନା ବଢ଼ିଥିଲା। ଏହାପରେ ଶ୍ରୀରାମ କୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ,ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଏବଂ ବିମାନକୁ ଘ.୫.୨୦ମିରେ ବିଜେ କରିଥିଲେ, ତିନି ବାଡ ରୁ ତିନି ଜଣ ପୂଜାପଣ୍ଡା ବିଜେ କରାଇ ଆଣିଥିବା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀ ନଅର ନିକଟକୁ ଘ.୫.୪୦ମିରେ ବିଜେ କରିଥିଲେ। ପୂର୍ବରୁ ରଥ ଖଳା ଠାରେ ପୁରୋହିତଙ୍କ ଦ୍ୱାରା ରଥ ନିର୍ମାଣ ଅନୁକୂଳ ହୋମ ସମାପିତ ହୋଇଥିଲା, ପୂଜାପଣ୍ଡା ତିନି ଜଣ ଆଜ୍ଞାମାଳ ଧରିଥିବା ବେଳେ ତିନି ବାଡ଼ର ବଢାଇ,ରୂପକାର, ଓଝା ଏବଂ ଭୋଇ ସେବକ ମାନଙ୍କ ଶାଢ଼ୀ ବନ୍ଧା ନୀତି ପାଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ଦେଉଳ କରଣ ସମାପନ କଲାପରେ ରଥ ନିର୍ମାଣ ଶୁଭାନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ତିନି ଗୋଟି ଧଉରା କାଠରେ ଆଜ୍ଞାମାଳ ଦିଆଯାଇ ତିନି ରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ଅନୁକୂଳ ନୀତି ବଢ଼ିଥିଲା। ଏହାପରେ ଅପରାହ୍ନ ଘ.୫:୪୫ ମିରେ ପାଲିଙ୍କି, ବିମାନ, ଦୋଳରେ ବିଜେ ଠାକୁର, ଠାକୁରାଣୀ ମାନେ ଚାପ୍ ନିମନ୍ତେ ବର୍ଣ୍ଣାଢ଼୍ୟ ଶୋଭା ଯାତ୍ରାରେ ଚନ୍ଦନ ପୁଷ୍କରିଣୀ ଚନ୍ଦନ ଚକଡା ଅଭିମୁଖେ ବିଜେ କରିଥିଲେ। ଏହି ଶୁଭ ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ତଥା ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମମତାଙ୍କ୍ ...

ପରାଜୟ । ସେ ନିଜ ନିର୍ବାଚନମଣ୍ଡଳୀ କୋଲାଥୁରରେ ଟିଭିକେ ପ୍ରାର୍ଥୀଙ୍କଠାରୁ ହାରି ଯାଇଛନ୍ତି। ଉଦୟନିଧି ଷ୍ଟାଲିନ ଚେପାକ୍ ଆସନରୁ ଜିତିବାରେ ସଫଳ ହୋଇଥିଲେ ମଧ୍ୟ ଡିଏମ୍‌କେ ମାତ୍ର ୭୪ଟି ଆସନରେ ସୀମିତ ରହିଛି। ବିଜୟ ନିଜେ ପେରାମ୍ବୁର ଏବଂ ତ୍ରିଚି ପୂର୍ବ ଆସନରୁ ବଡ଼ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହା ସହିତ ସେ ରାଜ୍ୟ ରାଜନୀତିର ନୂଆ ନାୟକ ଭାବେ ଉଭା ହୋଇଛନ୍ତି। ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ମେଣ୍ଟ ୫୨ ଆସନରେ ସୀମିତ ରହିଯାଇଛି।

କେରଳମ୍‌ରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ୮୯ ଆସନ ଜିତି ପିନରାୟୀ ବିଜୟନଙ୍କ ଏଲ୍‌ଡିଏଫ୍‌ର ଲଗାତାର ତୃତୀୟ ଥର ସରକାର ଗଠନ ସ୍ୱପ୍ନକୁ ଭାଙ୍ଗି ଦେଇଛି । ଏଥର ଏଲ୍‌ଡିଏଫ୍ ୩୫ ଆସନରେ ସୀମିତ ରହିଛି। ଅନ୍ୟପକ୍ଷରେ ବିଜେପି ମଧ୍ୟ କେରଳମ୍‌ରେ ୩ଟି ଆସନ ଜିତି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଉତ୍ତର-ପୂର୍ବ ଭାରତରେ ବିଜେପିର ଶ୍ରେଷ୍ଠ ପ୍ରଦର୍ଶନ ଅବ୍ୟାହତ ରହିଛି। ଆସାମର ୧୨୬ଟି ଆସନ ମଧ୍ୟରୁ ଏନ୍‌ଡିଏ ୧୦୨ଟି ଆସନରେ ବିଜୟୀ ହୋଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଜାଲୁକବାରୀ ଆସନରୁ ପୁଣିଥରେ ବଡ଼ ବିଜୟ ହାସଲ କରିଛନ୍ତି। କଂଗ୍ରେସର ବଡ଼ନେତା ଗୌରବ ଗୋଗୋଇ ଯୋରହାଟ ଆସନରୁ ବିଜେପି ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଛନ୍ତି। ଆସାମରେ କଂଗ୍ରେସକୁ ୨୧ ଆସନ ମିଳିଛି।

କେନ୍ଦ୍ରଶାସିତ ପ୍ରଦେଶ ପୁଡୁଚେରୀରେ ପୁଣି ଏନ୍. ରଙ୍ଗାସ୍ୱାମୀଙ୍କ ନେତୃତ୍ୱରେ ଏନ୍‌ଡିଏକୁ ସଫଳତା ମିଳିଛି। ମୋଟ ୩୦ ଆସନରୁ ମେଣ୍ଟ ୧୮ ଆସନ ହାସଲ କରିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ ମେଣ୍ଟ ୬ ଆସନରେ ସୀମିତ ରହିଛି। 'ଅଲ୍ ଇଣ୍ଡିଆ ଏନ୍‌ଆର୍ କଂଗ୍ରେସ'(ଏଆଇଏନ୍‌ଆର୍‌ସି) ୧୨ଟି ଆସନ ଏବଂ ବିଜେପି ୪ଟି ଆସନ ଜିତି ପୁଣିଥରେ ଏଠାରେ ଏନ୍‌ଡିଏ ସରକାର ଗଠନ କରିବାକୁ ଯାଉଛନ୍ତି। ଏଠାରେ ଟିଭିକେ ମେଣ୍ଟକୁ ୩ଟି ଆସନ ମିଳିଛି।

### ଗଙ୍ଗୋତ୍ରୀଠାରୁ ...

ସ୍ଥାପିତ ହେବା ଏକ ଗଭୀର ପ୍ରତୀକାତ୍ମକ ମହତ୍ତ୍ୱ ବୋଝାଏ। ଗଙ୍ଗା ନଦୀର ଉତ୍ସ ଉତ୍ତରାଖଣ୍ଡର ଗଙ୍ଗୋତ୍ରୀରୁ ଆରମ୍ଭ ହୋଇ ପଶ୍ଚିମବଙ୍ଗର ଗଙ୍ଗାସାଗରରେ ଶେଷ ହୁଏ। ଏହି ସମଗ୍ର ଭୂଭାଗରେ ବିଜେପିର ପ୍ରଭାବ ବଢ଼ିବା ଦଳର ଜାତୀୟ ପ୍ରସାର ଓ ଶକ୍ତିକୁ ପ୍ରକାଶ କରେ। ଏହା ସହିତ, ଏହି ଫଳାଫଳ ଦଳର "ସାଂସ୍କୃତିକ ଜାତୀୟତା" ଧାରଣାକୁ ଆଉ ମଜବୁତ କରିଛି। ପଶ୍ଚିମବଙ୍ଗ ଦୀର୍ଘଦିନ ଧରି ସାମ୍ୟବାଦୀ ଓ ଅଞ୍ଚଳୀୟ ରାଜନୀତିର କେନ୍ଦ୍ର ଥିଲା। କିନ୍ତୁ ଏବେ ଏଠାରେ ଜାତୀୟ ଦଳର ଦୃଢ଼ ପଦଚିହ୍ନ ଦେଖାଯାଉଛି। ରାଜନୀତିକ ବିଶ୍ଳେଷକମାନେ ମନେ କରୁଛନ୍ତି ଯେ, ଏହି ଜୟ ପଛରେ କେତେକ ମୁଖ୍ୟ କାରଣ ରହିଛି। ପ୍ରଥମେ, ସଂଗଠନର ଶକ୍ତି ଓ ଭୂମିସ୍ତରରେ କାର୍ଯ୍ୟକର୍ତ୍ତାମାନଙ୍କର ସକ୍ରିୟତା। ଦ୍ୱିତୀୟତଃ, କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ଓ ତାହାର ପ୍ରଭାବ। ତୃତୀୟତଃ, ବିରୋଧୀ ଦଳମାନଙ୍କ ମଧ୍ୟରେ ଏକତାର ଅଭାବ। ପଶ୍ଚିମବଙ୍ଗର ଏହି ଫଳାଫଳ ଦେଶର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ପ୍ରଭାବ ପକାଇପାରେ। ଏହା ଦେଖାଉଛି ଯେ ଭୋଟରମାନେ ବିକାଶ, ସ୍ଥିରତା ଓ ନୂତନ ନେତୃତ୍ୱକୁ ଗୁରୁତ୍ୱ ଦେଉଛନ୍ତି। ଏହି ପରିବର୍ତ୍ତନ ଆଗାମୀ ଲୋକସଭା ନିର୍ବାଚନ ପାଇଁ ମଧ୍ୟ ଏକ ସୂଚନା ଭାବେ ଦେଖାଯାଉଛି। ଏହା ସହିତ ଆସାମରେ ବିଜେପି ନେତୃତ୍ୱାଧୀନ ଏନଡ଼ିଏ ତୃତୀୟଥର ପାଇଁ ସରକାର ଗଠନ କରିବାକୁ ଯାଉଛି, ଯାହା ଉତ୍ତର-ପୂର୍ବ ଭାରତରେ ଦଳର ଶକ୍ତିକୁ ପ୍ରମାଣିତ କରେ। ପୁଡୁଚେରୀରେ ମଧ୍ୟ ଏନଡିଏ ସ୍ପଷ୍ଟ ଅଧିକାଂଶ ସହ ସରକାର ଗଠନ କରିବାକୁ ଯାଉଛି। କୁହିବାକୁ ଗଲେ, ପଶ୍ଚିମବଙ୍ଗରେ ବିଜେପିର ଏହି ଅଭୂତପୂର୍ବ ବିଜୟ ଦେଶର ରାଜନୀତିକ ଦିଗକୁ ପୁନର୍ବିନ୍ୟାସ କରିଛି। ଏହା କେବଳ ଏକ ରାଜ୍ୟର ପରିବର୍ତ୍ତନ ନୁହେଁ, ବରଂ ଏହା ଜାତୀୟ ରାଜନୀତିରେ ଏକ ନୂଆ ଅଧ୍ୟାୟର ଆରମ୍ଭ। ଗଙ୍ଗୋତ୍ରୀ ଠାରୁ ଗଙ୍ଗାସାଗର ପର୍ଯ୍ୟନ୍ତ ବିଜେପିର ଏହି ଯାତ୍ରା ଭାରତୀୟ ରାଜନୀତିରେ ଏକ ଦୃଢ଼ ଓ ଐତିହାସିକ ପଦକ୍ଷେପ ଭାବେ ଚିରସ୍ମରଣୀୟ ରହିବ।

# ଗୁଣ୍ଡିଚା ମନ୍ଦିରଠାରେ 'ଜନ ଆକ୍ରୋଶ ମହିଳା ସମାବେଶ'



ପୁରୀ : ମହିଳା ମାନେ କେବଳ ଦେଶର ଅର୍ଦ୍ଧାଧିକ ଜନସଂଖ୍ୟା ନୁହଁନ୍ତି, ଆମ ରାଷ୍ଟ୍ରର ପ୍ରଗତିର ପ୍ରକୃତ ଆଧାର ସ୍ତମ୍ଭ । ଭାରତୀୟ ଜନତା ପାର୍ଟି ସଦା ସର୍ବଦା ନାରୀଙ୍କ ସ୍ୱାଭିମାନ, ସୁରକ୍ଷା ଓ ସଶକ୍ତିକରଣ ପାଇଁ ପ୍ରତିଶ୍ରୁତିବଦ୍ଧ। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନତୃତ୍ୱରେ ସଂସଦରେ ଆଗତ ହୋଇଥିବା ଐତି ହାସିକ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ବିରୋଧ କରି, କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ ମାନେ ନିଜର ମହିଳା ବିରୋଧୀ ମାନସିକତାକୁ ସାର୍ବଜନୀନ କରିଛନ୍ତି। ବିକାଶ ଓ ସମ୍ମାନର ଏ ହି ପଥରେ ସେମାନେ ଯେପରି ଅନ୍ତରାୟ ସୃଷ୍ଟି କଲେ, ତାହା ଅତ୍ୟନ୍ତ ନିନ୍ଦନୀୟ। ସେମାନଙ୍କ ର ଏହି ନୀତି ବିରୁଦ୍ଧରେ ନାରୀ ଶକ୍ତି ରାଜ ରାସ୍ତାକୁ ଓହ୍ଲାଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ବିରୋଧୀଙ୍କ ଅସଲ ମୁଖା ସମସ୍ତଙ୍କ ସମ୍ମୁଖରେ ଖୋଲି ଯାଇଛି। ବିରୋଧୀଙ୍କ ଏଭଳି ଆଚରଣକୁ ଦେଶର ମାତୃଶକ୍ତି କେବେ ହେଲେ କ୍ଷମା କରିବେ ନାହିଁ। ନାରୀଙ୍କ ଅଧିକାର ଓ ସଶକ୍ତି କରଣ ପାଇଁ ଆମର ଏହି ଲଢେଇ ଜାରି ରହିବ ବୋଲି କହିଛନ୍ତି ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ କହିଛନ୍ତି।

# ଭାରତକୁ ୬୫୭ ଚୋରି କଳାକୃତି ଫେରାଇଲା ଆମେରିକା

ନୂଆଦିଲ୍ଲୀ: ଆମେରିକାର ମ୍ୟାନହାଟନ୍ ଜିଲ୍ଲା ଆଟର୍ଣ୍ଣି କାର୍ଯ୍ୟାଳୟ ପ୍ରାୟ ୧୪୦ ଲକ୍ଷ ଡଲାର ମୂଲ୍ୟର ୬୫୭ ପ୍ରାଚୀନ କଳାକୃତି ଭାରତକୁ ଫେରାଇ ଦେଇଛି। ନ୍ୟୁୟର୍କରେ ଥିବା ଭାରତୀୟ ରାଷ୍ଟ୍ରଦୂତ ରାଜଲକ୍ଷ୍ମୀ କଦମଙ୍କ ଉପସ୍ଥିତିରେ ଏକ ସମାରୋହରେ ଜିଲ୍ଲା ଆଟର୍ଣ୍ଣି ଆଲଭିନ୍ ଏଲ୍ ବ୍ରାଗ୍ ଜୁନିୟର ଏହି ପୁନରୁଦ୍ଧାର ଘୋଷଣା କରିଛନ୍ତି।

ଅଭିଯୁକ୍ତ ଚୋରା ଚାଲାଣକାରୀ ସୁଭାଷ କପୁର ଓ ଦୋଷୀ ସାବ୍ୟସ୍ତ ହୋଇଥିବା ଚାଲାଣକାରୀ ନାନସୀ ୱିନରଙ୍କ ସହ ଜଡିତ ଆପରାଧିକ ନେଟ୍‌ୱର୍କରେ ଚାଲିଥିବା ଅନୁସନ୍ଧାନ ମାଧ୍ୟମରେ ଅଧିକାରୀମାନେ ଏହି କଳାକୃତି ଉଦ୍ଧାର କରିଛନ୍ତି। ବ୍ରାଗ୍ କହିଛନ୍ତି, ଭାରତରେ ସାଂସ୍କୃତିକ ଐତିହ୍ୟକୁ ଟାର୍ଗେଟ୍ କରୁଥିବା ଚାଲାଣ ନେଟ୍‌ୱର୍କର ଚୋରି ପରିମାଣ ବହୁତ ଅଧିକ। ଚୋରି ହୋଇଥିବା କଳାକୃତି ଫେରସ୍ତ ପାଇଁ ଅଧିକ ପ୍ରୟାସ ଆବଶ୍ୟକ ବୋଲି ବ୍ରାଗ୍ କହିଛନ୍ତି। କନସୁଲ ଜେନେରାଲ ବିନୟା ପ୍ରଧାନ ସାଂସ୍କୃତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ଉଦ୍ଧାରରେ ମ୍ୟାନ୍‌ହାଟନ୍ ଜିଲ୍ଲା ଆଟର୍ଣ୍ଣି କାର୍ଯ୍ୟାଳୟ ଏବଂ ହୋମ୍‌ଲ୍ୟାଣ୍ଡ ସୁରକ୍ଷା ବିଭାଗ ସମେତ ଆମେରିକାର ଏଜେନ୍ସିଗୁଡ଼ିକର ଭୂମିକାକୁ ସ୍ୱୀକାର କରିଛନ୍ତି। ଫେରସ୍ତ ହୋଇଥିବା ଜିନିଷଗୁଡ଼ିକ ମଧ୍ୟରେ ଅବଲୋକିତେଶ୍ୱରଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅଛି, ଯାହାର ମୂଲ୍ୟ ୨ ମିଲିୟନ୍ ଡଲାର। ଏହି ମୂର୍ତ୍ତିଟି ମୂଳତଃ ରାୟପୁରର ମହନ୍ତ ଘାସିଦାସ ମେମୋରିଆଲ୍ ମ୍ୟୁଜିୟମରେ ରଖାଯାଇଥିଲା, ୨୦୨୫ରେ ନ୍ୟୁୟର୍କର ଏକ ଘରୋଇ ସଂଗ୍ରହରୁ ଜବତ ହେବା ପୂର୍ବରୁ ୧୯୮୨ ସୁଦ୍ଧା ଚୋରି ହୋଇ ଆମେରିକାକୁ ଚୋରା ଚାଲାଣ କରାଯାଇଥିଲା। ଅନ୍ୟ ଏକ ପ୍ରମୁଖ ଉଦ୍ଧାର ମଧ୍ୟରେ ୭.୫ ମିଲିୟନ୍ ଡଲାର ମୂଲ୍ୟର ଏକ ଲାଲ୍ ବାଲୁକା ପଥର ବୁଦ୍ଧ ପ୍ରତିମୂର୍ତ୍ତି ଅନ୍ତର୍ଭୁକ୍ତ। ଚୋରା ଚାଲାଣକାରୀମାନେ କ୍ଷତିଗ୍ରସ୍ତ ପ୍ରତିମୂର୍ତ୍ତିକୁ କପୁରଙ୍କ ନେଟ୍‌ୱର୍କ ମାଧ୍ୟମରେ ନ୍ୟୁୟର୍କକୁ ପରିବହନ କରିଥିଲେ, ଯେଉଁଠାରେ ପରେ କର୍ତ୍ତୃପକ୍ଷ ଏହାକୁ ଏକ ଷ୍ଟୋରେଜ୍ ୟୁନିଟ୍‌ରୁ ଜବତ କରିଥିଲେ। ୨୦୦୦ ମସିହାରେ ମଧ୍ୟପ୍ରଦେଶର ଏକ ମନ୍ଦିରରୁ ଲୁଟ୍ ହୋଇଥିବା ନୃତ୍ୟରତ ଗଣେଶଙ୍କ ଏକ ବାଲୁକା ପଥର ପ୍ରତିମୂର୍ତ୍ତି ମଧ୍ୟ ଅଧିକାରୀମାନେ ଫେରାଇ ଦେଇଥିଲେ। ଚାଲାଣକାରୀମାନେ ମିଥ୍ୟା ପ୍ରମାଣ ଦସ୍ତାବିଜ ମାଧ୍ୟମରେ ଏହାକୁ ବିକ୍ରି କରିଥିଲେ ଏବଂ ୨୦୧୨ରେ କ୍ରିଷ୍ଟିଜ୍ ନ୍ୟୁୟର୍କରେ ନିଲାମ କରିଥିଲେ। ପରେ ଜଣେ ଘରୋଇ ସଂଗ୍ରହକାରୀ ଚଳିତ ବର୍ଷ ଆରମ୍ଭରେ ଏହି କଳାକୃତିକୁ ସମର୍ପଣ କରିଥିଲେ।

ଏକ ଦଶନ୍ଧିରୁ ଅଧିକ ସମୟ ଧରି, ଆଣ୍ଟିକ୍ୱିଟି ଟ୍ରାଫିକିଂ ୟୁନିଟ୍ (ଏଟିୟୁ), ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ଇନଭେଷ୍ଟିଗେସନ୍ ସହିତ ଦକ୍ଷିଣ ଓ ଦକ୍ଷିଣପୂର୍ବ ଏସିଆରେ କଳାକୃତି ଲୁଟ୍ ଓ ଚାଲାଣ ଅଭିଯୋଗରେ କପୁର ଓ ତାଙ୍କ ସହଯୋଗୀଙ୍କ ପିଛା କରିଛି। କର୍ତ୍ତୃପକ୍ଷ ୨୦୧୨ରେ କପୁରଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରିଥିଲେ ଏବଂ ୨୦୧୯ରେ ତାଙ୍କୁ ଓ ସାତ ଜଣ ସହ-ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ୨୦୨୨ରେ ଭାରତରେ ଦୋଷୀ ସାବ୍ୟସ୍ତ ହୋଇଥିବା କପୁରଙ୍କ ଆମେରିକାକୁ ପ୍ରତ୍ୟର୍ପଣ ବିଚାରାଧୀନ ଅଛି। ଏଟିୟୁ ୪୮୫ ମିଲିୟନ୍ ଡଲାରରୁ ଅଧିକ ମୂଲ୍ୟର ୬,୨୦୦ରୁ ଅଧିକ କଳାକୃତି ଉଦ୍ଧାର କରିଛି ଏବଂ ୩୬ଟି ଦେଶକୁ ୫,୯୦୦ରୁ ଅଧିକ ଜିନିଷ ଫେରସ୍ତ କରିଛି।










ଗ୍ୟାଙ୍ଗଟକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୁଟବଲ୍ ପଡ଼ିଆରେ ଯୁବ ଯୁବତୀ ସହ ଖେଳି ସେମାନଙ୍କୁ ଫିଟନେସ୍ ରହିବାର ମନ୍ତ୍ର ବୁଝାଇଥିଲେ ।

# ଲକ୍ଷ୍ନୌ ବିପକ୍ଷରେ ମୁମ୍ବାଇ ୪ୱିକେଟ୍‌ରେ ବିଜୟୀ

ରୋହିତ-ରିକେଲ୍‌ଟନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ୨୨୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ମୁମ୍ବାଇ ଇଣ୍ଡିଆନ୍‌ସ ବ୍ୟାଟିଂ କରିଥିଲା। ଦଳର ବ୍ୟାଟିଂ ଉଚ୍ଚକୋଟୀର ଥିଲା। ପ୍ରଥମ ୱିକେଟ୍ ପାଇଁ ପ୍ରାରମ୍ଭିକ ବ୍ୟାଟର ରାୟନ ରିକେଲ୍‌ଟନ ୧୪୩ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ରିକେଲଟନ ୩୨ଟି ବଲ୍ ଖେଳି ୬ଟି ଚୌକା ଏବଂ ୮ଟି ଛକା ମାରିଥିଲେ। ମୁମ୍ବାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୭ତମ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍‌ସ ୬ ୱିକେଟ୍‌ରେ ବିଜୟୀ ହୋଇଛି। ମୁମ୍ବାଇ ପାଇଁ ରାୟନ ରିକେଲ୍‌ଟନ ଏବଂ ରୋହିତ ଶର୍ମା ବିସ୍ଫୋରକ ବ୍ୟାଟିଂ କରିଥିଲେ। ଦଳ ୧୮.୪ ଓଭରରେ ୪ଟି ୱିକେଟ୍ ହରାଇ ୨୨୯ ରନ୍ ସଂଗ୍ରହ କରିଛି। ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଟସ୍ ଜିଣି ମୁମ୍ବାଇ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ନୌ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୨୮ ରନ୍ କରିଥିଲା। ଲକ୍ଷ୍ନୌର ଇନିଂସରେ ନିକୋଲାସ ପୁରନ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୬୩ ରନ୍ ସଂଗ୍ରହ କରିବାକୁ ୨୧ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଗୋଟିଏ ଚୌକା ଏବଂ ୮ଟି ଛକା ମାରିଥିଲେ। ପ୍ରାରମ୍ଭିକ



ବ୍ୟାଟର ମିଚେଲ ମାର୍ସ ୨୫ଟି ବଲ୍ ଖେଳି ୪୪ ରନ୍ ସଂଗ୍ରହ କରିଥିଲେ। ସେ ୪ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ହିମ୍ମତ ସିଂହ ଅପରାଜିତ ୪୦ ରନ୍ କରିଥିଲେ। ସେ ୩୧ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଏଡେନ ମାର୍କରାମ ୨୫ଟି ବଲ୍ ଖେଳି ୩୧ ରନ୍ ସଂଗ୍ରହ କରିଥିଲେ। ସେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

# ରାଜ୍ୟ ଉପକନିଷ୍ଠ ବାଳକ ହକି: ଆର୍‌ଏସ୍‌ପି ବିଜେତା

୩୯ତମ ମିନିଟ୍‌ରେ ସୁମନ କିଣ୍ଡୋ ଏକ ଆକର୍ଷଣୀୟ ଫିଲ୍‌ଡ ଗୋଲ୍ ଦେଇ ବ୍ୟବଧାନକୁ ୨-୦ ଗୋଲକୁ ପହଞ୍ଚାଇଥିଲେ। ଶେଷ କ୍ୱାର୍ଟର୍‌ରେ ସୁନ୍ଦରଗଡ଼ ପ୍ରତ୍ୟାବର୍ତ୍ତନ ପ୍ରୟାସ କରିଥିଲେ ମଧ୍ୟ ତାହା ବିଫଳ ହେବାରୁ ପରାଜୟ ଭୋଗିଥିଲା।ରାଉରକେଲା: କାରଖାନା (ଆର୍‌ଏସ୍‌ପି) ଚାମ୍ପିଅନ ହୋଇଛି। ଆର୍‌ଏସ୍‌ପି ୨-୦ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ସେହିଭଳି ଗାଙ୍ଗପୁର ହକି ଆସୋସିଏସନକୁ ସିଧାସଳଖ ୫-୦ ଗୋଲ୍‌ରେ ପରାସ୍ତକରି ଢେଙ୍କାନାଳ ତୃତୀୟ ସ୍ଥାନରେ ରହିଛି।ରବିବାର ସନ୍ଧ୍ୟାରେ କରିଥିଲେ ମଧ୍ୟ ଗୋଲ୍‌ଶୂନ୍ୟ ରହିଥିଲା। ତେବେ ୨୬ତମ ମିନିଟ୍‌ରେ ଆର୍‌ଏସ୍‌ପିକୁ ଏକ ପେନାଲ୍‌ଟି କର୍ଣ୍ଣର୍ ସୁଯୋଗ ମିଳିଥିଲା। ଏହାକୁ ଅଧିନାୟକ ଲାଜରୁସ ଧନୱାର ହାତଛଡ଼ା ନ କରି ଗୋଲ୍‌ରେ ପରିଣତକରି ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ। ଶେଷ କ୍ୱାର୍ଟର୍‌ରେ ସୁନ୍ଦରଗଡ଼ ପ୍ରତ୍ୟାବର୍ତ୍ତନ ପ୍ରୟାସ କରିଥିଲେ ମଧ୍ୟ ତାହା ବିଫଳ ହେବାରୁ ପରାଜୟ ଭୋଗିଥିଲା। ଅଜିତ ଏକ୍କା ଓ ଅଭିଷେକ ପ୍ରଶାନ୍ତ ତିର୍କି ମ୍ୟାଚ୍ ପରିଚାଳନା କରିଥିବାବେଳେ ଆୟୁଷ ସ', ଭୂଷଣ ଲୁଗୁନ ସହଯୋଗ କରିଥିଲେ। ସୁନ୍ଦରଗଡ଼ର ସନ୍ଦୀପ କେର୍କେଟା ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଆର୍‌ଏସ୍‌ପିର ଲାଜରୁସ ଧନୱାର ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ସାରୋନ ହେମ୍ବ୍ରମ୍ (ସୁନ୍ଦରଗଡ଼) ଶ୍ରେଷ୍ଠ ଡିଫେଣ୍ଡର, ରୋହିତ ଓରାମ (ଢେଙ୍କାନାଳ) ଶ୍ରେଷ୍ଠ ମିଡ୍‌ଫିଲ୍‌ଡର, ସୁମନ କିଣ୍ଡୋ (ଆର୍‌ଏସ୍‌ପି) ଶ୍ରେଷ୍ଠ ଫରୱାର୍ଡ୍, ଆଦିତ୍ୟ ଗୌଡ଼ (ଆର୍‌ଏସ୍‌ପି) ଶ୍ରେଷ୍ଠ ଗୋଲ୍‌କିପରଭାବେ ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଆର୍‌ଏସ୍‌ପିର ସିଜିଏମ୍ ଟି.ଜି. କାନେକର, ଏନ୍‌ଆଇଟିର ପ୍ରଫେସର ରାଜୀବ ପଣ୍ଡା, ରାଜ୍ୟ କ୍ରୀଡ଼ା ବିଭାଗର ଉପ-ନିର୍ଦ୍ଦେଶକ ସୁଦୀପ୍ତ ନାଏକ, ବରିଷ୍ଠ କୋଚ୍ କାଳୁଚରଣ ଚୌଧୁରୀ, ହକି ଓଡ଼ିଶା ନିର୍ଦ୍ଦେଶକ ବି.ଜେ. କାରିଆପ୍ପା, ହକି ଓଡ଼ିଶା ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଉପକନିଷ୍ଠ ବାଳକ ହକି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ ଆର୍‌ଏସ୍‌ପି ଓ ସୁନ୍ଦରଗଡ଼ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ କ୍ୱାର୍ଟର୍‌ରେ ଉଭୟ ଦଳର ଖେଳାଳି ଜୋର୍‌ଦାର ପ୍ରୟାସ ୩୯ତମ ମିନିଟ୍‌ରେ ସୁମନ କିଣ୍ଡୋ ଏକ ଆକର୍ଷଣୀୟ ଫିଲ୍‌ଡ ଗୋଲ୍ ଦେଇ ବ୍ୟବଧାନକୁ ୨-୦ ଗୋଲକୁ ପହଞ୍ଚାଇଥିଲେ।




ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ଜାମ୍ମୁ କାଶ୍ମୀରର ଶ୍ରୀନଗରରେ ଆୟୋଜିତ ଚିନ୍ତନ ଶିବିର ୨୦୨୬ ରେ ଯୋଗ ଦେଇଥିଲେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ




ଗ୍ୱାଲିଅରରେ ଅନୁଷ୍ଠିତ ୪ର୍ଥ ଅସ୍ମିତା ଉପ-କନିଷ୍ଠ ମହିଳା ହକି ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରି କାଂସ୍ୟ ପଦକ ଜିତିଥିବା ଓଡ଼ିଶା ଉପ-କନିଷ୍ଠ ମହିଳା ଟିମ୍ କୁ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ .



ମେଘାଳୟର ଶିଲଂଠାରେ ଅନୁଷ୍ଠିତ 'ନ୍ୟାସନାଲ ଇଷ୍ଟ ଜୋନ୍ ସିନିୟର ରୋଲ୍ ବଲ୍ ଚାମ୍ପିଅନସିପ୍ ୨୦୨୬'ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶାର ସିନିୟର ପୁରୁଷ ରୋଲ୍ ବଲ୍ ଟିମ୍



କୁସୁନି ଖୁଣ୍ଟିଆ ଜାଗା ଠାରେ ଆୟୋଜିତ କୁସୁନି ଖୁଣ୍ଟିଆ ପ୍ରିମିଅର ଲିଗରେ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉର୍ସାହିତ କରିବା ସହ ବିଜୟୀ ଓ ପରାଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ପୂର୍ବତନ ପୌର ସଦସ୍ୟ ରବି ଦାସ



କ୍ରୀଡ଼ା ଓ ଯୁବସେବା ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ହକି ଗ୍ରୀଷ୍ମକାଳୀନ ଶିବିର ୨୦୨୬ ଉଦ୍‌ଘାଟିତ ହୋଇଯାଇଅଛି



ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସିଆଣ୍ଡି ପଞ୍ଚାୟତ ଗାଁରେ ଯୁବ ସାଥୀମାନଙ୍କ ସହିତ ଭଲିବଲ୍ ଖେଳିଲେ ସାଂସଦ ଡ଼ . ସମ୍ବିତ ପାତ୍ର







Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty